

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୪୫ ଭୁବନେଶ୍ୱର ଶୁକ୍ରବାର, ଫେବୃୟାରୀ ୦୭.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.145 Bhubaneswar, Friday, Februarry 07, 2025


## ବାୟୁସେନାର ମିରାଜ ବିମାନ ଦୁର୍ଘଟଣାଗ୍ରସ୍ତ



ନୂଆଦିଲ୍ଲୀ,୬/୨: ଭାରତୀୟ ବାୟୁସେନା ପାଇଁ ଏକ ଦୁଃଖଦ ଖବର। ଗୁରୁବାର ମଧ୍ୟପ୍ରଦେଶର ଶିବପୁରୀରେ ଭାରତୀୟ ବାୟୁସେନାର ମିରାଜ ୨୦୦୦ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଘଟଣାରେ ଲଢୁଆ ବିମାନର ଉଭୟ ପାଇଲଟ ଆହତ ହୋଇଥିବା ସୂଚନା ମିଳିଛି । ଦୁର୍ଘଟଣା ପରେ ଲଢୁଆ ବିମାନ ଟି ଖରାପ ଭାବେ ଜଳୁଥିବାର ଏକ ଭିଡିଓ ମଧ ସାମ୍ନାକୁ ଆସିଛି । ମିଳିଥିବା ସୂଚନା ଅନୁଯାୟୀ, ମିରାଜ ୨୦୦୦ ଲଢୁଆ ବିମାନଟି ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୨୦ ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଶିବପୁରୀର କରିରା ତହସିଲ ଅନ୍ତର୍ଗତ ସୁନାରୀ ଥାନା ଅଞ୍ଚଳରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପ୍ରତିରକ୍ଷା ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ ବିମାନଟି ନିୟମିତ ପ୍ରଶିକ୍ଷଣ ଉଡ଼ାଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନକ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ଏହି ଦୁର୍ଘଟଣା ସଂପର୍କରେ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି। ଆହତ ପାଇଲଟମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଦ୍ୱିତୀୟ ବିବାହ ବିଚ୍ଛେଦରେ ବି ପତ୍ନୀଙ୍କୁ ମିଳିବ ଭରପୋଷଣ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୬/୨: ଦ୍ୱିତୀୟ ବିବାହ କ୍ଷେତ୍ରରେ ହେଉଥିବା ଛାଡପତ୍ର ଏବଂ ଭରଣପୋଷଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ବୁଧବାର ଏକ ବଡ଼ ରାୟ ଦେଇଛନ୍ତି। ଏଭଳି ଏକ ମାମଲାର ଶୁଣାଣି କରିବା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି ଦ୍ୱିତୀୟ ବିବାହରେ ମଧ ଛାଡପତ୍ର ହୁଏ, ତେବେ ସ୍ୱାମୀଙ୍କୁ ୨ୟ ପତ୍ନୀଙ୍କୁ ମଧ ଭରଣପୋଷଣ ଖର୍ଚ୍ଚ ଦେବାକୁ ହେବ। ବିଚାରପତି ଜଷ୍ଟିସ୍ ବି.ଭି. ନାଗାରତ୍ନା ଏବଂ ବିଚାରପତି ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ତେଲଙ୍ଗାନାର ଏଭଳି ଏକ ମାମଲାରେ ଆଜି ଉପରୋକ୍ତ ରାୟ ଦେଇଛନ୍ତି। ଖଣ୍ଡପୀଠ ଏହି ଅବସରରେ ସ୍ପଷ୍ଟ କରିଛନ୍ତି ଯେ, ଯଦି ଦ୍ୱିତୀୟ ପତ୍ନୀଙ୍କଠାରୁ ଛାଡପତ୍ର ହୋଇଯାଏ, ତେବେ ଭରଣପୋଷଣ ଦେବା ସମୟରେ, ପ୍ରଥମ ବିବାହର ମାମଲା କୋର୍ଟରେ ବିଚାରାଧୀନ ଥିବା ବାହାନାକୁ ଗ୍ରହଣ କରାଯିବନାହିଁ। କୋର୍ଟ କହିଛନ୍ତି ଯେ ଯଦି ପ୍ରଥମ ବିବାହ କଥାବାର୍ତ୍ତା ଆଧାରରେ ଛାଡପତ୍ର ହୋଇଥାଏ, ତେବେ ଦ୍ୱିତୀୟ ବିବାହ ସହିତ ଏହାର କୌଣସି ସମ୍ପର୍କ ନାହିଁ। କୋର୍ଟ କାର୍ଯ୍ୟ ଭରଣପୋଷଣ ଟଙ୍କାକୁ ପ୍ରଭାବିତ କରିପାରିବ ନାହିଁ। ତେଲଙ୍ଗାନାର ବାସିନ୍ଦା ଉଷା ରାଣୀ ୧୯୯୯ ମସିହାରେ ଏମ ଶ୍ରୀନିବାସଙ୍କୁ ବିବାହ କରିଥିଲେ। ଏହା ଉଭୟଙ୍କର ଦ୍ୱିତୀୟ ବିବାହ ଥିଲା। ବିବାହର ଗୋଟିଏ ବର୍ଷ ପରେ ସେମାନଙ୍କର ଏକ ପୁଅ ହୋଇଥିଲା, କିନ୍ତୁ ୨୦୦୫ରେ କିଛି କାରଣରୁ ସେମାନଙ୍କୁ ଛାଡପତ୍ର ନେବାକୁ ପଡିଲା। ଭରଣପୋଷଣ ପାଇଁ ଉଷା ରାଣୀ ଫ୍ୟାମିଲି କୋର୍ଟର ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ପ୍ରଥମ ସ୍ୱୀଙ୍କ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ତାଙ୍କୁ ଆଶ୍ୱସ୍ତି ମିଳିନଥିଲା। ହାଇଦ୍ରାବାଦ ହାଇକୋର୍ଟ ମଧ ଉଷା ରାଣୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ, ଯାହା ପରେ ମାମଲା ସୁପ୍ରିମକୋର୍ଟକୁ ଆସିଥିଲା। ତେବେ ସୁପ୍ରିମକୋର୍ଟ ଦୀର୍ଘ ଶୁଣାଣି ପରେ, ଆବେଦନକାରୀ ଉଷାଙ୍କ ସପକ୍ଷରେ ରାୟ ଦେଇଛନ୍ତି।

# ଶ୍ରେଷ୍ଠ ୫ଟି ରାଜ୍ୟ ଭିତରେ ରହିବା ପାଇଁ ଓଡ଼ିଶାର ଲକ୍ଷ୍ୟ

ଭୁବନେଶ୍ୱର,୬/୨: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଷୋଡ଼ଶ ଅର୍ଥ କମିସନ ଡ଼କ୍ଟର ଅରବିନ୍ଦ ପାନଗେରିୟାଙ୍କର ବୈଠକ ହୋଇଛି । ସାକ୍ଷାତ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ଯେ, ଅର୍ଥ କମିସନଙ୍କ ସହିତ ହୋଇଥିବା ବୈଠକରେ ରାଜ୍ୟର ଆର୍ଥିକ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। କମିସନଙ୍କ ନିକଟରେ ବିକଶିତ ଓଡ଼ିଶା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି । ଅର୍ଥ କମିସନଙ୍କ ନିକଟରେ ହୋଇଥିବା ଦାବି ରାଜ୍ୟ ସରକାରଙ୍କ ୨୦୨୬-୨୦୩୧ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଏହା ପ୍ରତିଫଳିତ ହେବାର ଆଶା ରହିଛି ବୋଲି ଅର୍ଥ ବିଶେଷଜ୍ଞ ମତପୋଷଣ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଅର୍ଥ କମିସନଙ୍କ ନିକଟରେ ମୋଟ ୧୨ ଲକ୍ଷ ୫୯ ହଜାର ୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରାଯାଇଛି । ପୂର୍ବ ଅପେକ୍ଷା ଅଧିକ ଆର୍ଥିକ ସହାୟତା ଆସିବ ବୋଲି ଆଶା ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତର ଶ୍ରେଷ୍ଠ ୫ଟି ରାଜ୍ୟ ଭିତରେ ରହିବା ପାଇଁ ଓଡ଼ିଶାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଦାବିରେ ସହରୀକରଣ, କୃଷି ଓ ଗ୍ରାମ୍ୟ ଉନ୍ନୟନ, ଏମଏସଏମଇ, ବନ୍ଦର ଆଧାରିତ ଅର୍ଥନୀତି, ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହା ସହ ୪ କୋଟି ୭୦ ଲକ୍ଷ ଲୋକଙ୍କୁ ଆଧାର କରି ସମୃଦ୍ଧ ଓଡିଶା ଗଠନ ପାଇଁ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ସରକାରଙ୍କ ଟିକସ ଆୟରୁ ୪୧ ପ୍ରତିଶତ ରାଜ୍ୟମାନଙ୍କୁ ବଣ୍ଟନ କରାଯାଉଛି । ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଦାବି ରଖାଯାଇଛି । ଉଭୟ ଲିଖିତ ଓ ବକ୍ତବ୍ୟ ମାଧ୍ୟମରେ ରାଜ୍ୟର ଦାବି ମୁଖ୍ୟମନ୍ତ୍ରୀ ଅର୍ଥ କମିସନଙ୍କ ନିକଟରେ ରଖିଛନ୍ତି । କେନ୍ଦ୍ର ଟିକସର ରାଜ୍ୟ ମାନଙ୍କୁ ନିର୍ଦ୍ଧାରିତ ସୂତ୍ରରେ ବଣ୍ଟନ କରାଯାଇଥାଏ । ଓଡ଼ିଶାର ୪.୫୨୮ ପ୍ରତିଶତ ଭାଗ ଓଡ଼ିଶା ପାଇଥାଏ । ଏହାକୁ ୪.୯୬୪ ପ୍ରତିଶତକୁ ବୃଦ୍ଧି କରିବାକୁ ଦାବି ଉପସ୍ଥାପନ କରାଯାଇଛି । ମୋଟ ରାଜସ୍ୱ ପ୍ରାପ୍ତିର ୨ ପ୍ରତିଶତ ଗ୍ରାମୀଣ ଓ ସହରାଞ୍ଚଳ ପାଇଁ ସ୍ଥିର କରିବା ପାଇଁ ମଧ ପ୍ରସ୍ତାବ ଦିଆଯାଇଛି । ଏହା ଦ୍ୱାରା ଅର୍ଥ ପଞ୍ଚାୟତିରାଜ ଓ ପୌର ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳିପାରିବ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୭୫ ପ୍ରତିଶତ କେନ୍ଦ୍ର ସରକାର ଦେଇଥାନ୍ତି ଏବଂ ୨୫ ପ୍ରତିଶତ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥାଏ । ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ । ତେଣୁ କେନ୍ଦ୍ର ସରକାର ନିକଟରେ ୧୦୦ ପ୍ରତିଶତ ଅନୁଦାନ ରାଜ୍ୟକୁ ଯୋଗାଇ ଦେବାକୁ ଦାବି ରଖାଯାଇଛି । ସ୍ୱାସ୍ଥ୍ୟ, ଜଳ ଯୋଗାଣ, ପରିମଳ ବ୍ୟବସ୍ଥାର ବିକାଶ ଉପରେ ମଧ ପ୍ରସ୍ତାବ ଦିଆଯାଇଛି । ରାଜସ୍ୱ ନିଅଣ୍ଟ ବାବଦକୁ ୯,୮୮,୪୨୨ କୋଟି ଟଙ୍କା ପ୍ରଦାନ ଦାବି କରାଯାଇଛି। ସେହିପରି ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ବାବଦରେ ୧ ଲକ୍ଷ ୧୦ ହଜାର ୪୩୪ କୋଟି ଟଙ୍କା ଦାବି କରାଯାଇଛି। ସହରାଞ୍ଚଳ ବିକାଶ ପାଇଁ ୧ ଲକ୍ଷ ୩୬ କୋଟି ଟଙ୍କା ଦାବି । ଏସଡିଆରଏଫ ପାଇଁ ୩୧ ହଜାର ୪ କୋଟି ଟଙ୍କା ଦାବି ହୋଇଥିବା ବେଳେ ଏସଡିଏମଏଫ ପାଇଁ ୨୯ ହଜାର ୨୫୨ କୋଟି ଟଙ୍କାର ଦାବି ଉପସ୍ଥାପନ କରାଯାଇଛି ।




## ୧୩ରୁ ବଜେଟ୍, ୧୨ରେ ସର୍ବଦଳୀୟ ବୈଠକ



ଭୁବନେଶ୍ୱର,୬/୨: ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ବିଧାନସଭା ବଜେଟ୍ ଅଧିବେଶନ। ଏହାର ଦିନକ ପୂର୍ବରୁ ଅର୍ଥାତ୍ ଫେବୃଆରୀ ୧୨ରେ ବସିବ ସର୍ବଦଳୀୟ ବୈଠକ। ଦିନ ୧୧ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ବୈଠକ ବସିବ। ଫେବୃଆରୀ ୧୭ରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ ହେବ।

## ଉପର ମୁହାଁ ପାରଦ : ବଢୁଛି ତାତି

ଭୁବନେଶ୍ୱର,୬/୨: ଫେବୃଆରୀ ଆରମ୍ଭରୁ ଲଗାତାର ଉପରମୁହାଁ ହେଉଛି ପାରଦ । ସପ୍ତାହେରୁ ଅଧିକ ସମୟ ହେଲା ତାତି ବଢିଥିବା ବେଳେ ୩୬ ଡିଗ୍ରୀ ଛୁଇଁଲାଣି ପାରଦ । ଗତକାଲି ୧୦ଟି ସହରରେ ୩୫ ଡିଗ୍ରୀ ଉପରେ ଥିଲା ପାରଦ । ମାଲକାନଗିରି ବଲାଙ୍ଗୀରରେ ସର୍ବାଧିକ ୩୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସମ୍ବଲପୁର , ଝାରସୁଗୁଡା, ସୁନ୍ଦରଗଡରେ ୩୫ . ୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ହୀରାକୁଦ , ଭବାନୀପାଟଣାରେ ୩୫ . ୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଓଡିଶା ଉପକୂଳ ସମେତ ବଙ୍ଗୋପ ସାଗର ଅଞ୍ଚଳରେ ୧ ଲଘୁଚାପ ବଳୟ ସକ୍ରିୟ ରହୁଥିବାରୁ ଉପକୂଳ ଓଡିଶାରେ କ୍ରମାଗତ ଭାବେ ଘନକୁହୁଡି ଦୃଶ୍ୟମାନ ହେଉଥିବା ପାଣିପାଗ ବିଭାଗ ସୂଚନା ଦେଇଛନ୍ତି ।

# କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା



ଭୁବନେଶ୍ୱର,୬/୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପ୍ରତିଶ୍ରୁତି ରଖିଛନ୍ତି। ତାଙ୍କର ପ୍ରତିଶ୍ରୁତି ଅନୁସାରେ କଟକ ବାଲିଯାତ୍ରାକୁ 'ଜାତୀୟ ମାନ୍ୟତା' ମିଳିଛି। ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ 'ଜାତୀୟ ମାନ୍ୟତା' ନେଇ ସୂଚନା ଜାରି ହୋଇଛି। ଆଜି ରାଜ୍ୟସଭାରେ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ସୂଚନା ଦେଇଛନ୍ତି। ଓଡ଼ିଶାର ପ୍ରମୁଖ ଯାନିଯାତ୍ରାକୁ ଅଧିକ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିବା ପରେ କେନ୍ଦ୍ର ସରକାର ଓଡ଼ିଶା ସଂସ୍କୃତିକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ କଟକର ଐତିହାସିକ ବାଲିଯାତ୍ରା ମଧ ବାଦ୍ ପଡ଼ିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ସମୟରେ ଏକାଧିକ ଥର 'କଟକ ବାଲିଯାତ୍ରା'ର ନାମ ନେଇଛନ୍ତି। ଜାତୀୟ ବାଣିଜ୍ୟିକ ମେଳାରେ ସେ ବାଲିଯାତ୍ରାକୁ ପ୍ରଶଂସା ମଧ କରିଛନ୍ତି। ପୂର୍ବରୁ ସେ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଟକ ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦିଆଯିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ସେଥିପାଇଁ ବିଭିନ୍ନ ଜାତୀୟସ୍ତର କାର୍ଯ୍ୟକ୍ରମରେ ଏ ନେଇ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି। ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦେବାକୁ ପ୍ରଶାସନିକସ୍ତରରେ କମିଟି ଗଠନ କରାଯାଇଛି। ଗତବର୍ଷ କଟକ ବାଲିଯାତ୍ରାରେ ୧୪ଟି ଦେଶର ରାଷ୍ଟ୍ରଦୂତ ଓ ସେମାନଙ୍କ ପ୍ରତିନିଧି ବାଲିଯାତ୍ରାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡୋନେସିଆର ବାଲିରେ କଟକର ଐତିହାସିକ ବାଲିଯାତ୍ରା ସଂପର୍କରେ କହିଥିବା ବେଳେ ନିକଟରେ ଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ବି ପ୍ରଧାନମନ୍ତ୍ରୀ ଯୋଗଦେଇ ବାଲିଯାତ୍ରା କଥା କହିବା ସହ ବାଲିଯାତ୍ରା ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆମ ବୈଷୟିକ କୌଶଳ ସେଭଳି ଉନ୍ନତ ନଥିବା ସମୟରେ ଦୁଃସାହିକ ସମୁଦ୍ର ଯାତ୍ରା କରି ଓଡ଼ିଆ ସାଧବ ପୁଅ ଇଣ୍ଡୋନେସିଆ, ଜାଭା, ସୁମାତ୍ରାକୁ ଯାଇ ନୌବାଣିଜ୍ୟ ସଂପର୍କ ରଖିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ମହାନଦୀ ତଟରେ ଆୟୋଜନ ହେଉଥିବା ବାଲିଯାତ୍ରା ସଂପର୍କରେ ବର୍ଣ୍ଣନା କରିଥିଲେ। ଗତବର୍ଷ ବାଲିଯାତ୍ରାରେ ଯେଉଁ ସ୍ମରଣିକା ପ୍ରକାଶ ପାଇଥିଲା। ସେଥିରେ ପ୍ରଧାନମନ୍ତ୍ରୀ ବାଲିଠାରେ କଟକ ବାଲିଯାତ୍ରା ସଂପର୍କରେ ଦେଇଥିବା ଅଭିଭାଷଣକୁ ସ୍ଥାନ ଦିଆଯାଇଛି।

## ଫେବୃଆରୀ ୨୧ରୁ ଆରମ୍ଭ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର,୬/୨: ମାଟ୍ରିକ ପରୀକ୍ଷା ନେଇ ପ୍ରେସମିଟ କରିଛି ବୋର୍ଡ । ଫେବୃଆରୀ ୨୧ ତାରିଖରେ ମାଟ୍ରିକ ପରୀକ୍ଷା ହେବ । ମାର୍ଚ୍ଚ ୬ ତାରିଖ ଯାଏଁ ଚାଲିବ ମ୍ୟାଟ୍ରିକ ପରୀକ୍ଷା । ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ର ହେବ । ଏଥିପାଇଁ ୩୧୪ଟି ନୋଡାଲ ସେଣ୍ଟର କରାଯାଇଛି । ପ୍ରତି ଜିଲ୍ଲାରେ ରହିବ ଦୋଟିଏ ଗୋଟିଏ ନୋଡାଲ ସେଣ୍ଟର । ଚଳିତ ମ୍ୟାଟ୍ରିକ ବୋର୍ଡ ପରୀକ୍ଷାରେ ୫ଲକ୍ଷ ୧୦ ହଜାର ୭୭୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ୧୨ ତାରିଖରୁ କେନ୍ଦ୍ରକୁ ପଠାଯିବ ପ୍ରଶ୍ନପତ୍ର । ୧୯ ତାରିଖ ସୁଦ୍ଧା ସବୁ କେନ୍ଦ୍ରରେ ପହଞ୍ଚିବ ପ୍ରଶ୍ନପତ୍ର । ଉଭୟ ଅନଲାଇନ ଏବଂ ଅଫଲାଇନରେ ମିଳିବ ଆଡମିଟ କାର୍ଡ । www.bseodisha.ac.inରେ ମିଳିବ ଆଡମିଟ କାର୍ଡ । ପ୍ରଶ୍ନପତ୍ରରେ ସିରିଏଲ ନମ୍ବର ରହିବ । କିଭଳି ପ୍ରଶ୍ନପତ୍ର ଲିକ ହେବ ନାହିଁ ସେ ଉପରେ ଗୁରୁତ୍ୱ ଦିଆଯାଇଛି ।ପ୍ରଥମ ଥର ପାଇଁ ପ୍ରଶ୍ନପତ୍ରରେ ରହିବ ୱାଟର ମାର୍କ । କ୍ୟୁଆର କୋଡ ଓ ସିରିଏଲ ନମ୍ବର ବି ରହିବ । ରାଜ୍ୟରେ ହେବ ୩୧୪ ନୋଡାଲ ସେଣ୍ଟର । କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ ବ୍ୟବସ୍ଥା ରହିଛି । ସବୁ ନୋଡାଲ ସେଣ୍ଟରରେ ଲାଗିବ ସିସିଟିଭି । ମାସେ ଭିତରେ ବାହାରିବ ରେଜଲ୍ଟ । ୪୭ ଟି କେନ୍ଦ୍ରରେ ଖାତା ଦେଖା ହେବ । ପରୀକ୍ଷା ସରିବାର ମାସେ ଭିତରେ ପ୍ରକାଶ ପାଇବ ରେଜଲ୍ଟ । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି ।

## ୧୦ ରୁ ପୁଣି ଗାଡ଼ି ଯାଞ୍ଚ

ଭୁବନେଶ୍ୱର,୬/୨: ଦୀର୍ଘ ଦିନର ବ୍ୟବଧାନ ପରେ ଦ୍ୱୈତନଗରୀ ଯାନବାହନ ଯାଞ୍ଚ ହେବ। ଭୁବନେଶ୍ୱର-କଟକ କମିସନରେଟ୍ ପୁଲିସ ଏଥି ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆସନ୍ତା ୧୦ ତାରିଖରୁ ପୁଣି ଥରେ ଗାଡ଼ି ଚେକିଂ କଡ଼ାକଡ଼ି ହେବ। କମିସନରେଟ ପୁଲିସ ଟ୍ୱିନସିଟିରେ ସ୍ପେଶାଲ ଡ୍ରାଇଭ କରିବ। ବିକଟାଳ ହର୍ଣ୍ଣ, କଳାକାଚର ଚେକିଂ ହେବ। ଗାଡ଼ିରେ ବିକଟାଳ ହର୍ଣ୍ଣ, କଳାକାଚ ଲଗାଇଥିଲେ ଦେବାକୁ ହେବ ଜରିମାନା। ମୋଟା ଅଙ୍କର ଜରିମାନା ନେଇ ସତର୍କ କଲା ପୁଲିସ। ଚେକିଂ ପୂର୍ବରୁ କାଢ଼ି ଦିଅନ୍ତୁ, ନଚେତ ଗଣିବେ ଜରିମାନା କୋଭିଡ ପରଠୁ ଗାଡ଼ି ଚେକିଂ ବନ୍ଦ ରହିଥିଲା। ଲାଇସେନ୍ସ, ହେଲମେଟ, ପଲ୍ୟୁସନ ଆଦି ଚେକିଂ ବନ୍ଦ ରହିଛି। ହେଲେ ଏବେ ପୁଣି ଆକ୍ସନ ମୋଡକୁ ଫେରିଛି କମିସନରେଟ ପୁଲିସ। ଗାଡି ଯାଞ୍ଚ ନେଇ ଏବେ ଟୁଇନ ସିଟିରେ ଧରପଗଡ଼ ଆରମ୍ଭ ହେବ। ଯଦି ଆପଣ ଗାଡ଼ିରେ ଏଭଳି କିଛି ନିୟମ ଉଲ୍ଲଙ୍ଘନ କରିଥିବା ଜିନିଷ ବ୍ୟବହାର କରିଛନ୍ତି। ତେବେ ଚେକିଂ ହେବା ପୂର୍ବରୁ କାଢ଼ି ଦିଅନ୍ତୁ।

## ରାସ୍ତାରେ ବୁଲୁଛି ବାଘ

କଟକ, ୬/୨: ରାସ୍ତାରେ ବୁଲୁଛି କଲରାପତରିଆ ବାଘ । ରାସ୍ତାକଡ଼ରେ ବୁଲୁଥିବାର ମୋବାଇଲରେ ହେଲା ରେକର୍ଡ । କଟକ ଆଠଗଡ଼ ବନଖଣ୍ଡର ନରସିଂହପୁର ଇଷ୍ଟ ରେଞ୍ଜର ରାସ୍ତା କଡ଼ରେ କଲରାପତରିଆ ବାଘ ଦେଖିବାକୁ ମିଳିଛି । ବନଗଣ୍ଡର ତିଗିରିଆ ଠାରୁ ବଡମ୍ବା, ନରସିଂହପୁର ହିନ୍ଦୋଳ ପର୍ଯ୍ୟନ୍ତ ବାଘ ଦେଖିବାକୁ ମିଳୁଛି । ବାଘକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଏକ ଭୟର ମାହୋଲ ସୃଷ୍ଟି ହୋଇଛି । ଆଠଗଡ଼ ବନଖଣ୍ଡରେ ୩ ରୁ ୪ଟି କଲରାପତରିଆ ବାଘ ଥିବାବେଳେ ଏହି ଅଞ୍ଚଳର ବୁଲାବୁଲି କରୁଛନ୍ତି । ଆଉ ବାଘକୁ ଦେଖି ଏଠିକାର ଲୋକ ଭୟରେ ରହିଛନ୍ତି । ସେପଟେ, ବାଘର ଗତିବିଧି ଉପରେ ନଜର ରଖାଯାଉଥିବା କହିଛି ବନବିଭାଗ।

# ଶିକ୍ଷା ବିଭାଗରେ ୨୭୬୭ ଜଣଙ୍କୁ ମିଳିବ ନିଯୁକ୍ତି



ଭୁବନେଶ୍ୱର,୬/୨: ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏହିକ୍ରମରେ ଭୁବନେଶ୍ୱର ୟୁନିଟ-୩ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆଠାରେ ଫେବ୍ରୁଆରି ୭ରେ ଆୟୋଜିତ ହେବ ନିଯୁକ୍ତି ମେଳା। ଏହି ନିଯୁକ୍ତି ମେଳା ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୋଟ୍ ୨୭୬୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନିମନ୍ତେ ୮୯୪ ଜଣ ଅଧକ୍ଷ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବାକୁ ଥିବା ବେଳେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚ ବିଦ୍ୟାଳୟର ୧୭୯୮ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୨୮ ଜଣ କନିଷ୍ଠ ସହାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ୨୭ ଜଣ କନିଷ୍ଠ ସହାୟକ, ମାଧ୍ୟମିକ ଶିକ୍ଷା ପରିଷଦର ୧୮ ଜଣ କନିଷ୍ଠ ସହାୟକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିନରେ ୨ ଜଣ ସମୀକ୍ଷକଙ୍କୁ ଏହି ଅବସରରେ ନିଯୁକ୍ତିପତ୍ର ପ୍ରଦାନ କରିବେ। ଭୁବନେଶ୍ୱର ୟୁନିଟ-୩ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆଠାରେ ଫେବ୍ରୁଆରି ୭ରେ ଆୟୋଜିତ ହେବ ନିଯୁକ୍ତି ମେଳା। ଏହି ନିଯୁକ୍ତି ମେଳା ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୋଟ୍ ୨୭୬୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରିବେ। ନିଯୁକ୍ତି ମେଳା ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ସଚିବ ମଧ ଉପସ୍ଥିତ ରହିବେ। ରାଜ୍ୟ ସରକାର ଆଗାମୀ ୫ ବର୍ଷରେ ଓଡିଶାର ସାମଗ୍ରିକ ବିକାଶ ଲକ୍ଷ୍ୟ ରଖିଛନ୍ତି। ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରଣ ଦ୍ୱାରା ଓଡ଼ିଶାରେ ଦ୍ରୁତ ବିକାଶର ଧାରା ସୃଷ୍ଟି ହେବା ସହ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ନିର୍ମାଣ ସହିତ ଯୁବଶକ୍ତିଙ୍କୁ ସୁଯୋଗ ଦେବା ପାଇଁ ନିଯୁକ୍ତି ମେଳାର ଆୟୋଜନ।

# କେବେ ଯିବ ଯନ୍ତ୍ରଣା ? କେତେ ଦିନ ଆଉ ଖଟିଆରେ ବୁହା ହେବେ ମାଆ ?



ବୌଦ୍ଧ, ୬/୨: କେବେ ଯିବ ଯନ୍ତ୍ରଣା କେତେଦିନ ଖଟିଆରେ ବୁହା ହେବେ ମାଆ ଦେଶ ସ୍ୱାଧୀନ ହେବାର ଏତେବର୍ଷ ପରେ ମଧ ଏପରି ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି। ଗମନା ଗମନ ପାଇଁ ଆଜି ପର୍ଯ୍ୟନ୍ତ ଗାଁକୁ ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ତେଣୁ ଗର୍ଭବତୀଙ୍କୁ ଖଟିଆରେ ବୁହା ହେବାକୁ ପଡ଼ିଛି। ବୌଦ୍ଧ ଜିଲ୍ଲାରେ ଦେଖିବାକୁ ମିଳିଛି ସ୍ୱାସ୍ଥ୍ୟ ସେବାର ଏପରି ବିକଳ ଚିତ୍ର। ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ବାଣୀଭୂଷଣପୁର ପଞ୍ଚାୟତ ଡିଗିସିରା ଗାଁର ରବୀନ୍ଦ୍ର ଜାନୀଙ୍କ ପତ୍ନୀ ରଞ୍ଜିତା ଜାନି ଗର୍ଭବତୀ ଥିଲେ। ଆଜି ସକାଳେ ସେ ପ୍ରସବ ଜନିତ ଯନ୍ତ୍ରଣା ପାଇଥିଲେ। ତେଣୁ ତାଙ୍କୁ ମେଡିକାଲ୍ ନେବା ପାଇଁ ପରିବାର ଲୋକେ ବ୍ୟସ୍ତ ହୋଇପଡ଼ିଥିଲେ। ଆଉ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଫୋନ୍ ରିସିଭ୍ କରି ଆମ୍ବୁଲାନ୍ସ ନିର୍ଦ୍ଧାରିତ ସମୟରେ ଗାଁକୁ ଆସିଥିଲା। ହେଲେ ଡିଗିସିରା ଗାଁରେ ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। କାରଣ ଗାଁକୁ ଯାଇଥିବା ରାସ୍ତାର ଅବସ୍ଥା ଦୟନୀୟ ଓ ଲକ୍ଷ୍ମୀ ନାଳ ସାଜିଥିଲା ପ୍ରତିବନ୍ଧକ।ଗାଁଠାରୁ ଏକ କିମି ଦୂରରେ ଥିବା ଲକ୍ଷ୍ମୀ ନାଳ ପାଖରେ ଅଟକିଥିଲା ଆମ୍ବୁଲାନ୍ସ। ରାସ୍ତା ନଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରିନଥିଲା। ଆମ୍ବୁଲାନ୍ସ କର୍ମଚାରୀମାନେ ଏନେଇ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ କାଳ ବିଳମ୍ବ ନକରି ଖଟିଆରେ ଗର୍ଭବତୀଙ୍କୁ ପ୍ରାୟ ଏକ କିମି ବୋହି ଆଣିଥିଲେ। ଆଉ ଆଣ୍ଠୁଏ ପାଣିରେ ବିପଦପୂର୍ଣ୍ଣ ଭାବେ ନାଳ ପାର କରାଇଥିଲେ। ତା'ପରେ ଆମ୍ବୁଲାନ୍ସରେ ପ୍ରସୂତିଙ୍କୁ ନେଇ ପୁରୁଣାକଟକ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଏବେ ମେଡିକାଲ୍‌ରେ ରଞ୍ଜିତାଙ୍କ ଚିକିତ୍ସା ଚାଲିଛି। ଦେଶ ସ୍ୱାଧୀନ ହେବାକୁ ଏତେ ବର୍ଷ ବିତିଲା। ହେଲେ ଦୁଃଖ ଓ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ ଏହି ଗାଁକୁ ଭଲ ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ସବୁଠାରୁ ବଡ଼ କଥା ହେଲା ଗାଁକୁ ସଂଯୋଗ କରୁଥିବା ଆବୁଡାଖାବୁଡା ରାସ୍ତାରେ ପ୍ରତିବନ୍ଧକ ସାଜିଛି ଲକ୍ଷ୍ମୀ ନାଳ। ଏହି ନାଳ ଉପରେ ବ୍ରିଜ୍‌ଟିଏ କରିବା ପାଇଁ ଗାଁ ଲୋକେ ପ୍ରଶାସନଠାରୁ ଆରମ୍ଭ କରି ନେତାଙ୍କ ପାଖରେ କେତେ ଗୁହାରୀ କରିଛନ୍ତି। ହେଲେ କେହି ଗାଁ ଲୋକଙ୍କ ଗୁହାରୀ ଶୁଣୁନାହାନ୍ତି। ଯେଉଁଥିପାଇଁ ଗାଁ ଲୋକେ ବିପଦପୂର୍ଣ୍ଣ ଭାବେ ନାଳ ଅତିକ୍ରମ କରୁଛନ୍ତି। ଇଏତ ଗଲା ଶୀତ ଋତୁ କଥା। ବର୍ଷା ଦିନର କଥା ନକହିବା ଭଲ। ଗାଁ ଲୋକମାନେ ଏକପ୍ରକାର ବନ୍ଦୀ ଜୀବନ ଅତିବାହିତ କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଗାଁ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି।

# ଗଞ୍ଜୁଗୁଡା ଗ୍ରାମରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ







## ଚବିଶିପ୍ରହର ନାମଯଂଜ୍ଞ ଘୃତ ଯଂଜ୍ଞ, ଅନ୍ନ ଯଂଜ୍ଞ ଅନୁଷ୍ଠିତ

**ଫୁଲବାଣୀ , ୬/୨ (ନି.ପ୍ର):** କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଗଞ୍ଜୁଗୁଡା ପଂଚାୟତ ଗଞ୍ଜୁଗୁଡା ଗ୍ରାମରେ ନିର୍ମିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମନ୍ଦିର ପ୍ରତିଷ୍ଠା ଉତ୍ସବ ମନ୍ଦିର ପରିଚାଳନା ଓ ମନ୍ଦିର ପୂଜା କମିଟି ଦ୍ୱାରା ଆରମ୍ଭ ହୋଇଯାଇଛି । ମନ୍ଦିର କମିଟି ଦ୍ୱାରା ପ୍ରସ୍ତୁତି କାର୍ଯ୍ୟ ସୁଚି ପ୍ରକାରେ ଗତ ୩୦/୦୧/୨୦୨୫ ରିଖ ଗୁରୁବାର ପୂର୍ବାହ୍ନ ୮ ଘଟିକାରେ ବଇଡା ସନ୍ନିକଟ ପବିତ୍ର ସାଲୁଁକି ନଦୀରୁ ଜଳ ଆଣି କଳସ ଯାତ୍ରା ସହିତ ସନ୍ଧ୍ୟା ୭,୩୦ ମିନିଟ ସମୟରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଥିବା ବେଳେ ୩/୦୧/୨୦୨୫ ରିଖ ଶୁକ୍ରବାର ବାର ପୂର୍ବାହ୍ନ ୯ ଘଟିକା ସମୟରେ ଚବିଶି ପ୍ରହର ନାମ ଯଜ୍ଞ ଆରମ୍ଭ ବା ନାମ ଜନ୍ମ ହୋଇଯାଇଛି । ଏହାପରେ ତା, ୦୧/୦୨/୨୦୨୫ ରିଖ ଶନିବାର ପୂର୍ବାହ୍ନ ୯ ଘଟିକା ସମୟରେ ଅଙ୍କୁରା ରୋପଣ, ଗର୍ଭଧାନ, ପ୍ରସାଦ ସେବନ,ଅଧିବାସ, ଏବଂ ପ୍ରତିଷ୍ଠା ଯୋଗ୍ୟ କାର୍ଯ୍ୟଆରମ୍ଭ, ଓ ଆଗାମୀ ୦୨/୦୨/୨୦୨୫ ରିଖ ରବିବାର ପୂର୍ବାହ୍ନ ୧୦ ଘଟିକା ରେ ଶ୍ରୀ ଶ୍ରୀ ବାବା ଚନ୍ଦ୍ରଶେଖର ମହାପ୍ରଭୁଙ୍କର ଜନ୍ମ ଉତ୍ସବ, ପରେ ସ୍ନାନ ମଣ୍ଡପରେ ଠାକୁରଙ୍କ ମହାସ୍ନାନ, ଶୟନ ମଣ୍ଡପ ପ୍ରତିଷ୍ଠା, ସହିତ ବିଗ୍ରହ ପ୍ରତିଷ୍ଠା ସହିତ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ଏହାପରେ ଆଗାମୀ ୦୩/ ୦୨/୨୦୨୫ ରିଖ ସୋମବାର ସକାଳ ୮ ଘଟିକାରେ ମନ୍ଦିର ଚୁଡାରେ ତ୍ରିଶୂଳ, ଧ୍ୱଜା ଓ ଜୁପ ସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଚବିଶି ପ୍ରହର ନାମ ଯଂଜ୍ଞ ର ପୂର୍ଣ୍ଣାହୂତି, ଓ ପ୍ରତିଷ୍ଠା ଯଂଜ୍ଞର ପୂର୍ଣ୍ଣାହୂତି, ସହିତ ନଗର ଭ୍ରମଣ ରଙ୍ଗ ଖେଳ,ଦଧି ହାଣ୍ଡି ଭଙ୍ଗ କରାଯିବା ସହିତ ଠାକୁରଙ୍କ ସିଂହାସନ ଆରୋହଣ, ଅଚଳ କର୍ମ ପ୍ରତିଷ୍ଠା ଭଳି ସମସ୍ତ ବୈଦିକ ରୀତିନୀତି ଅନୁଯାଇ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ, ଏବଂ ଏହାପରେ ଅପରାହ୍ନ ୩ ଘଟିକା ସମୟରେ ଭକ୍ତ ମଣ୍ଡଳି ଓ ସାଧାରଣ ଜନତାଙ୍କ ମନୋରଞ୍ଜନ ପାଇଁ ପୌରାଣିକ ନାଟକ ସମ୍ପୂର୍ଣ୍ଣ ରାମାୟଣ ପରିବେଷଣ କରାଯିବ ଏବଂ ଆସନ୍ତା ୦୪/୦୨/୨୦୨୫ରିଖ ମଙ୍ଗଳବାର ସନ୍ଧ୍ୟା ୮ ଘଟିକା ସମୟରେ ପୁନଃ ମନ୍ଦିର ପରିଚାଳନା କମିଟି ଦ୍ୱାରା ପରିବେଷଣ କରାଯିବ ଶ୍ରେଷ୍ଠ ସାମାଜିକ ନାଟକ ' ବଦଳିଗଲା ମୋ ଜୀବନ ଗପଞ୍ଚ ' ସହିତ ମିନା ବଜାର, ସୁସ୍ୱାଦୁ ଖାଦ୍ୟ ର ବିଭିର୍ଣ୍ଣ ଷ୍ଟଲ ର ଭରପୁର ମଜା ଉଠାଉଛନ୍ତି ଜନସାଧାରଣ ଓ ଉପସ୍ଥିତ ଭକ୍ତ ମଣ୍ଡଳୀ, ସହିତ କୁନି କୁନି ପିଲାଛୁଆମାନେ । ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମର ସମସ୍ତ ପ୍ରକାର ରୀତିନୀତି ପ୍ରସ୍ତୁତି ଅନୁଯାଇ ଅତି ସୁନ୍ଦର ଭାବେ ଭକ୍ତ ବୃନ୍ଦ ମାନଙ୍କ ପାଇଁ ଅନ୍ନ ଭୋଜନ, ଚା, ଜଳଖିଆ ରହିବା, ସମସ୍ତ ପ୍ରକାର ବନ୍ଦୋବସ୍ତ କରାଇଥିବା ଦେଖିବାକୁ ମିଳିଥିବା ବେଳେ ସୂଚନା କେନ୍ଦ୍ର ଦାୟିତ୍ୱରେ ରହିଥିବା ଗଞ୍ଜୁଗୁଡା ପଂଚାୟର ସମିତି ସଭ୍ୟ ଶ୍ରୀ ପ୍ରଭାକର ପ୍ରଧାନ, ସୁରଥ ପାତ୍ର,ସ୍ୱେଚ୍ଛାସେବୀ ଶ୍ରୀ ପ୍ରଶାନ୍ତ କୁମାର ରଣା, ଶ୍ରୀ ଦିଲୀପ କୁମାର ପାତ୍ରୀ, ସ୍ଥାନୀୟ ସରପଞ୍ଚ ଶ୍ରୀ ଆଲୋକ କହଁର ପ୍ରମୁଖ ନିଷ୍ଠାର ସହିତ ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ମନ୍ଦିର ପ୍ରତିଷ୍ଠା ଉତ୍ସବ ସହିତ ଚବିଶି ପ୍ରହର ନାମ ଯଂଜ୍ଞରେ ଗଞ୍ଜୁଗୁଡା, ଆଶ୍ରିସାହି, ବିଶିପଡା ପକାନା ଗାଁ, ଫିରଙ୍ଗିଆ ବ୍ଲକର ଡୁମୁରିଗୁଡା ବଳସକୁମ୍ପା ସମେତ କନ୍ଧମାଳ ଜିଲ୍ଲାର ପ୍ରାୟ ୫୦ ଗୋଟି ସଂକୀର୍ତନ୍ୟ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ । ସଂକୀର୍ତନ୍ୟ ମଣ୍ଡଳୀ ମାନଙ୍କ ମଧ୍ୟରେ ବର୍ତ୍ତମାନ ମହିଳା ସଂକୀର୍ତନ ମଣ୍ଡଳୀ ମାନଙ୍କ ସୁନ୍ଦର ନୃତ୍ୟ ସହିତ ନାମ ସଂକୀର୍ତନ୍ୟ ବେଶ ଉପଭୋଗ୍ୟ ହୋଇଥିଲା, ଯାହାକି ଭକ୍ତ ମାନଙ୍କ ମଧ୍ୟରେ ଏକ ଆଧାତ୍ମିକ ଭାବନା ଜାଗ୍ରତ ହୋଇଥିବା ଦେଖିବାକୁ ମିଳିଥିଲା । ଗଞ୍ଜୁଗୁଡା ମନ୍ଦିର ପରିଚାଳନା କମିଟି ସଭାପତିଶ୍ରୀ କୁଳମଣି ପ୍ରଧାନ ତାରିଣୀ ସେନ ବିଶୋଇ ଉପସଭାପତି , ଅଭିମନ୍ୟୁ ରଣା ସମ୍ପାଦକ, ଶ୍ରୀ ଗୋପାଳ ପ୍ରଧାନ କୋଷାଧକ୍ଷ, ଅନିରୁଦ୍ଧ ସାହୁ ଉପଦେଷ୍ଟା, ଶ୍ରୀ ଦାମୋଦର ରଣା ଉପଦେଷ୍ଟା, ଥିବାବେଳେ ସଦସ୍ୟ ଶ୍ରୀ ଦୟା ବିଶୋଇ, ପ୍ରଫୁଲ୍ଲ ସାହୁ,କୃଷ୍ଣ ଚନ୍ଦ୍ର ବିଶୋଇ, ଅଭିମନ୍ୟୁ ସାହୁ, ସନ୍ତୋଷ ପଣ୍ଡା, ପ୍ରଶାନ୍ତ ବେହେରା, ବିଷ୍ଣୁ ରଣା, ଭୀମସେନ ରଣା, କାହ୍ନୁ ଚରଣ ମୁଖି, ବୀରେନ୍ଦ୍ର ରଣା,ସମେତ କମିଟିର ସମସ୍ତ କର୍ମକର୍ତ୍ତା , ବିଘ୍ନେଶ୍ୱର ବାରିକ,ରାଧାକାନ୍ତ ପ୍ରଧାନ ସମେତ ଅନ୍ୟ ସମସ୍ତ ସଦସ୍ୟ ଗ୍ରାମ ବାସୀ ଓ ସନମାନୀୟ ମହିଳା ମଣ୍ଡଳୀ ମାନଙ୍କ ସ୍ୱଚ୍ଛ ନିର୍ମଳ ହୃଦୟରେ ନିଷ୍ଠାର ସହିତ ସହଯୋଗ କରିଥିବା ଯୋଗୁଁ ଏତେବଡ ମନ୍ଦିର ପ୍ରତିଷ୍ଠା ଭଳି ଏକ ମହତ୍ୱ ପୂର୍ଣ୍ଣ ଆଉ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ଶହ ଶହ ଶ୍ରଦ୍ଧାଳୁ ମାନଙ୍କ ଆଗମନ ରେ ଅତି ଶୃଙ୍ଖଳାର ସହିତ ସୁଚାରୁରୂପେ ଓ ଅତି ସୁନ୍ଦର ଭାବେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ ହୋଇପାରିଛି ।

# ଫ୍ୟାଲେରୀୟା ନିରାକରଣ ଅଭିଯାନ ଆରମ୍ଭ

**ଫୁଲବାଣୀ , ୬/୨ (ନି.ପ୍ର):** କନ୍ଧମାଳ ଜିଲ୍ଲାରେ ଫାଇଲେରିଆ ନିରାକରଣ ନିମନ୍ତେ କନ୍ଧମାଳ ଜିଲ୍ଲାରେ ଆଗାମୀ ୧୦ ରୁ ୧୯ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ହେବାକୁ ଯାଉଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କନ୍ଧମାଳ,ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଫ୍ୟାଲେରୀୟା ନିରାକରଣ କାର୍ଯ୍ୟକ୍ରମ ଜିଲ୍ଲାରେ ୨୦୨୦-୨୧ ଠାରୁ ଆରମ୍ଭ ହୋଇଅଛି । ଜିଲ୍ଲାର ମୋଟ ୧୨ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୧୭୧ଟି ଉପ କେନ୍ଦ୍ରରେ ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ୪୦୫ ଜଣ ସୁପରଭାଇଜର,୩ହଜାର ୩୭୭ଜଣ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର



କାର୍ଯ୍ୟ କରିବେ। ୦୩ ଗୋଟି ସହରାଞ୍ଚଳ ଓ ୪ହଜାର ୧୭ ଗୋଟି ଗ୍ରାମର ୮ ଲକ୍ଷ ୧ ହଜାର ୪୭୪ ଲୋକଙ୍କୁ ଏହି ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୨୧ ଲକ୍ଷ ୯ ହଜାର ୧୪୩ ଟି ଡି.ଇ.ସି ଏବଂ ୮ ଲକ୍ଷ ୪୩ ହଜାର ୬୫୭ଟି ଆଲବେଣ୍ଡାଜଲ ବଟିକାର ବ୍ୟବସ୍ଥା କରାଯାଇଛି । ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର, ସ୍କୁଲ, କଲେଜ ଓ ଅନ୍ୟ ଅନୁଷ୍ଠାନମାନଙ୍କୁ ଯାଇ ସମସ୍ତ ସଦସ୍ୟଙ୍କୁ ବୟସ ଅନୁସାରେ ଫାଇଲେରିଆ ବଟିକା ଖୁଆଇବେ । ୨ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ବ୍ୟକ୍ତି କେବଳ ଗର୍ଭବତୀ ମହିଳା, ୨ବର୍ଷରୁ କମ୍ ଶିଶୁ ଓ ଗୁରୁତର ଅସୁସ୍ଥ ରୋଗୀଙ୍କ ବ୍ୟତିତ ଖାଦ୍ୟ ଖାଇସାରିବା ପରେ ଡି.ଇ.ସି ଓ ଆଲବେଣ୍ଡାଜଲ୍ ବଟିକା ସେବନ କରିବେ । ଖାଲି ପେଟରେ ଏହି ଔଷଧ ଖାଇବେ ନାହିଁ । ଏହି ସାର୍ବଜନୀନ ଔଷଧ ସେବନ ପାଇଁ ୧୪ଗୋର୍ଟ ମନିଟରିଂ ଟିମ୍, ପି.ସି.ଆଇ. ଏବଂ ଡବ୍ଲ୍ୟୁ.ଏଚ୍.ଓ. ଟିମ୍ କୁ ସାମିଲ କରାଯାଇଛି। ୫ ବର୍ଷ ପର୍ଯ୍ୟନ୍ତ ଯଦି ଗୋଟିଏ ଗୋଷ୍ଠୀରେ ଶତକଡ଼ା ୮୫ ଭାଗରୁ ଅଧିକ ଲୋକ ବର୍ଷକୁ ଥରେ ଫାଇଲେରିଆ ନିରାକରଣ ପାଇଁ ଦିଆଯାଉଥିବା ଔଷଧ ସେବନ କରନ୍ତି ତେବେ ଗୋଷ୍ଠୀରୁ ଫାଇଲେରିଆ ନିରାକରଣ ହୋଇପାରିବ ବୋଲି ଡା.ଅରବିନ୍ଦ ଦାସ କହିଥିଲେ। ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଶ୍ରୀ କୁମୁଦ ଚନ୍ଦ୍ର ସାହୁ ମଧ୍ୟ କନ୍ଧମାଳ ଜିଲ୍ଲାରେ ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ଏହି ମିଡିଆ ବ୍ରିଫିଂ ବେଳେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ର, ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର ଶ୍ରୀ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଐତିହାସିକ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଦିପ୍ତିକାନ୍ତ ସୁମନ ସୁଭାସିସ ମେମୋରିଆଲ ଉଦଯାପିତ

**କେନ୍ଦ୍ରାପଡ଼ା, ୬/୨ (ନି.ପ୍ର):** ଡେରାବିଶ ବ୍ଲକ୍ ଅଧିନସ୍ଥ ଅନୁଆପଡ଼ା ଗ୍ରାମରେ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଅନୁଆପଡ଼ା ପ୍ରିମିଅର୍ ଲିଗ୍ , ଦୀପ୍ତିକାନ୍ତ ସୁମନ ସୁଭାସିସ ମେମୋରିଆଲ ଟ୍ରଫି ଉଦଯାପିତ ହୋଇ ଯାଇଛି ।ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ସମସ୍ତ ଗ୍ରାମାଞ୍ଚଳର ସମୁଦାୟ ୧୬ ଗୋଟି ଦଳ ଭାଗ ନେଇଥିଲେ । ଟୁର୍ଣ୍ଣାମେଣ୍ଟ ଟି ୬ ଦିନ ଧରି ହୋଇଥିଲା । ଟୁର୍ଣ୍ଣାମେଣ୍ଟର ବିଜେତା ବି.ବି.ସି ହୋଣ୍ଡା(କୁଆଁପାଳ) ହୋଇ ଆକର୍ଷଣୀୟ ଟ୍ରଫି ସହ ନଗଦ ୩୦୦୦୦ ଟଙ୍କା ଗ୍ରହଣ କରିଥିବା ବେଳେ ରନର୍ଶୋଫ ଭାବେ ଏ. କେ ବ୍ରଦର୍ସ ମଧ୍ୟ ଆକର୍ଷଣୀୟ ଟ୍ରଫି ସହ ନଗଦ ୨୦୦୦୦ ଟଙ୍କା ଗ୍ରହଣ କରିଥିଲା । ଏଥିସହ ବିଭିନ୍ନ



ପୁରସ୍କାର ଯଥା ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ମ୍ୟାନ ଅଫ୍ ଦେ ସିରିଚ ସହ ବେଷ୍ଟ୍ ବ୍ୟାଟ୍ସ ମ୍ୟାନ ଏବଂ ବେଷ୍ଟ ବୋଲର ଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କାର ରାଶି ସହ ସମ୍ମାନୀତ କରାଯାଇଥିଲା । ଐତିହାସିକ ଏହି ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଦିବସର ପ୍ରାରମ୍ଭରେ ମ୍ୟାଚ୍ ର ଉଦ୍ଘାଟନ ବରିଷ୍ଠ ସାମ୍ବାଦିକ ତଥା ଅଞ୍ଚଳର ସମାଜସେବୀ ଭାବେ ପରିଚିତ ଶ୍ରୀଯୁକ୍ତ ମାନସ ରଞ୍ଜନ ମଲ୍ଲ ଙ୍କ ଦ୍ୱାରା ହୋଇଥିବା ବେଳେ ଦିବସର ଉଦଯାପନୀ ଏବଂ ପୁରସ୍କାର ବିତରଣ ଭେଟରାନ ରାଜନୀତିଜ୍ଞ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ରବି କୁମାର ସାମଲ, ଉପସ୍ଥିତ ଅନ୍ୟ ଅତିଥିଙ୍କ ମଧ୍ୟରେ ରତାଦିଆ ଖଣ୍ଡସାହିର ବର୍ତ୍ତମାନ ର ସରପଞ୍ଚ ଶ୍ରୀଯୁକ୍ତ ଶିଶିର କୁମାର ସାମଲଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା ।ଏହି ସମ୍ପୂର୍ଣ୍ଣ ୬ ଦିନର ଟୁର୍ଣ୍ଣାମେଣ୍ଟ ଖେଳଟିକୁ ୨ ଅମ୍ପାୟାର ତାପସ କୁମାର ଭଦ୍ର ଏବଂ ନିହାର ରଞ୍ଜନ ସାମଲ ସୁଚାରୁ ରୂପେ ସମ୍ପନ୍ନ କରି ଗ୍ରାମାଞ୍ଚଳରେ ବେସ ଲୋକପ୍ରିୟତା ସାଉଁଟି ଥିଲେ ।

# କାହାରି ଧାନ ମଣ୍ଡିରୁ ଫେରିବ ନାହିଁ-ବିଧାୟକ ଅମରେନ୍ଦ୍ର



ଜଗତସିଂହପୁର ତା ୬।୨(ନିପ୍ର), ଜଗତସିଂହପୁର ଜିଲ୍ଲାର ବହୁ ପ୍ରତିକ୍ଷିତ ପଳାଶୋଳ ଧାନମଣ୍ଡିକୁ ବୁଧବାର ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ନଡିଆ ବାଡେଇ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ଏଆରସିଏସ ପ୍ରଭାତ କୁମାର ଶତପଥି, ସମବାୟ ସମିତିର ସଭାପତି ବସନ୍ତ ସ୍ୱାଇଁ, ସମ୍ପାଦକ ସୁଶାନ୍ତ ମହାନ୍ତି, ସରପଂଚ ମୀନତି ଜେନା, କ୍ରୟ କମିଟି ସଭ୍ୟ ବିଶ୍ୱରଂଜନ ସ୍ୱାଇଁ, ଦିଗାମ୍ବର ପଣ୍ଡା, ଅନଙ୍ଗ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମଣ୍ଡି କାର୍ଯ୍ୟର ସୁପରିଚାଳନା ପାଇଁ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ତେବେ ଉଦ୍‌ଘାଟନୀ ପରେ ପରେ କିଛି ଚାଷୀ ନିଜ ଧାନ କୁ ଏଫଏକ୍ୟୁ ମାନ ଦାବୀ କରି କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୁକ୍ତି ବାଢିଥିଲେ। ଏଥିରେ ଉପସ୍ଥିତ ଅନୁଗୁଳ ଅଂଚଳର ମିଲର ଅନିଛା ପ୍ରକାଶ କରିବାରେ ଦୀର୍ଘ ସମୟ ଧରି ମଣ୍ଡି କାର୍ଯ୍ୟ ବନ୍ଦ ରହିଥିଲା। ବିଧାୟକ ଅମରେନ୍ଦ୍ର ଦାସ ସମସ୍ତ ଘଟଣାକୁ ଅନୁଭବ କରି କହିଥିଲେ ଯେ ଚାଷୀ ମିଲର ମଧ୍ୟରେ ଉତମ ବୁଝାମଣା କରି ଧାନ କ୍ରୟ କରାଯାଉ। ଆହୁରି ମଧ୍ୟ ସେଠାରେ ଉପସ୍ଥିତ ଥିବା ସମସ୍ତ ସରକାରୀ ଅଧିକାରୀ ଓ ନୋଡାଲ ଅଧିକାରୀଙ୍କୁ ତାଗିଦ୍ କରିଥିଲେ ଯେ ମଣ୍ଡିକୁ ଆସିଥିବା ସମସ୍ତ ଧାନକୁ ମିଲର କିଣିବ। ଯେପରି କୌଣସି ଚାଷୀକୁ ନିମ୍ନମାନର ଧାନ କହି ଧାନକୁ ଫେରାଇ ଦିଆନଯାଏ ସେଥିପ୍ରତି ସରକାରୀ ଅଧିକାରୀ ଓ ସମବାୟ ସମିତିର କର୍ମକର୍ତା ଧ୍ୟାନ ଦେବା ଆବଶ୍ୟକ। ପରେ ପରେ ଏଠାରେ ମିଲର ପକ୍ଷରୁ ଧାନ କିଣିବା ଆରମ୍ଭ ହୋଇଥିଲା।

# ଗୁଦାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ

## ମେଳାରେ ଯୋଗ ଦେଲେ ଶତାଧିକ ଛାତ୍ରଛାତ୍ରୀ ଏବଂ ଅଭିଭାବକ

**ଫୁଲବାଣୀ , ୬/୨ (ନି.ପ୍ର):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଗୁଦାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି !ଏଥିରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ ଯୋଗ ଦେଇ ଆନୁଷ୍ଠାନିକ ଭାବେ ନିପୁଣ ଓଡ଼ିଶା ମେଳାକୁ ଉଦଘାଟନ କରିଥିଲେ ! ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନାରାଣୀ ମଲ୍ଲିକ, ଗୁଦାରୀ ପଞ୍ଚାୟତର ୱାର୍ଡ଼ ମେମ୍ବର ପଦ୍ମଚରଣ କହଁର, ବିଦ୍ୟାଳୟ ପରିଚଲାନା କମିଟି ସଭାପତି ସୁଜିତ କୁମାର ଯାନୀ, ଗୁଦାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୁଦ୍ରାୟିନୀ ଦାନୀ ପ୍ରମୁଖ ଉପସ୍ଥିତ ରହିଥିଲେ ! ଗୁଦାରୀ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ସୁଜାତା କୁମାରୀ ପ୍ରଧାନ ମେଳା ପରିଚାଳନା କରିଥିଲେ ! ମେଳାରେ ନଅ ଗୋଟି ବିଦ୍ୟାଳୟର ସମସ୍ତ ଏଫ.ଏଲ.ଏନ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏବଂ ଅବିଭାବକ ମାନେ ମିଳିତ ଭାବେ ଯୋଗ ଦେଇଥିଲେ ! ମେଳାରେ ବିଭିନ୍ନ ପ୍ରକାର ପାଠ୍ୟ ଖସଡ଼ା ଶିକ୍ଷଣୀୟ ଉପକରଣ ଏବଂ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା ! ପ୍ରତ୍ୟେକ ବିଦ୍ୟାଳୟରୁ ଆସିଥ ?ିଲା ଶିକ୍ଷଣୀୟ ସାମଗ୍ରୀ ଗୁଡ଼ିକୁ ୪ ଟି ଷ୍ଟଲରେ ବିଭକ୍ତ କରାଯାଇ ପ୍ରଦର୍ଶିତ କରାଯାଇଥିଲା !ଏଥିରେ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ମୌଳିକ ସାକ୍ଷାରତା ଏବଂ ସଂଖ୍ୟାଜ୍ଞାନ ଉପରେ ସଚେତନତା କରାଯାଇଥିଲା ! ଏହା ସହିତ ନିପୁଣ ଓଡ଼ିଶା ଗଠନ ପାଇଁ ସମସ୍ତେ ଶପଥ ନେଇଥିଲେ !ମେଳାରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ ନୃତ୍ୟ ଗୀତ ପରିବେଷଣ କରିବା ସହିତ ନିପୁଣ ଓଡ଼ିଶା ସେଲଫି ପଏଣ୍ଟରେ ସମସ୍ତେ ଫୋଟ ଉଠାଇଥିଲେ !ଶେଷରେ ମୂଳଗୁଦାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ସଂଯୁକ୍ତା ଦିଗାଲ ସମସ୍ତଙ୍କୁ ଧନ୍ୟବାଦ ଦେଇ ମେଳାକୁ ଉଦଯାପିତ କରିଥିଲେ ! ଉକ୍ତ ମେଳାରେ ବିଭିର୍ଣ୍ଣ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ସହିତ ଅଭିଭାବକ ମାନେ ସକ୍ରିୟ ଅଂଶ ଗ୍ରହଣ କରି ବହୁ ପରିମାଣରେ ଖୁସି ବ୍ୟକ୍ତ କରିଥିଲେ, ଓ ଏଭଳି କାର୍ଯ୍ୟକ୍ରମ କରାଯିବା ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷା ଗ୍ରହଣ ଉପରେ ଅଧୀକ ଆଗ୍ରହ ସୃଷ୍ଟି କରିବା ସହିତ ପାଠ୍ୟ ବିଷୟ ବସ୍ତୁ ବୁଝିବାରେ ସହାୟକ ହୋଇପାରିବ ବୋଲି ଅଭିଭାବକ ମାନେ ପ୍ରକାଶ କରିଥିଲେ ।







# ବ୍ଲକ୍ ସ୍ତରୀୟ କିଶୋରୀ ଓ କିଶୋରମାନଙ୍କର ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ୬/୨ (ନି.ପ୍ର):** ବ୍ଲକ ସଦଭାବନା ଗୃହଠାରେ ଆଜି କେନ୍ଦ୍ରାପଡ଼ା ବ୍ଲକ ସମନ୍ୱିତ ଶିଶୁବିକାଶ ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ କିଶୋରୀ ଓ କିଶୋର ମାନଙ୍କର ଏକ ପ୍ରତିଭା ପ୍ରଦର୍ଶନ"ଟ୍ୟାଲେଣ୍ଟ ହଣ୍ଟ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲକର ୧୧ଟି ସେକ୍ଟରରୁ ପ୍ରାୟ ୬୦ରୁ ଉର୍ଦ୍ଧ, ଦଶ ବର୍ଷରୁ ଉଣେଇଶି ବର୍ଷ ମଧ୍ୟରେ ଉଭୟ ବାଳକ ଓ ବାଳିକାମାନେ ଯୋଗଦେଇ ବକ୍ତୃତା, ରଚନା/ ପ୍ରବନ୍ଧ, ନୃତ୍ୟ, ସଙ୍ଗୀତ ଓ ଝୋଟି ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଝିଅମାନେ ହେଲେ ଅନନ୍ୟ, ସେମାନେ ହେଲେ କନ୍ୟାରନ୍ ସେମାନଙ୍କର ବିକାଶ, ସୁରକ୍ଷା ଓ ଦକ୍ଷତା ବୃଦ୍ଧି କରିବା ସହିତ ସେମାନଙ୍କର ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କେନ୍ଦ୍ରାପଡ଼ା ବ୍ଲକ ଅଧକ୍ଷ୍ୟା ଶ୍ରୀମତୀ ରଶ୍ମିତା ସେଠୀ, କେନ୍ଦ୍ରାପଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଶ୍ରୀଯୁକ୍ତ ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଜିଲ୍ଲାର ମହିଳା ଏବଂ ଶିଶୁ ବିକାଶ ଅଧିକାରିଣୀ ଶ୍ରୀମତୀ ମନରୋମା ସ୍ୱାଇଁ, କେନ୍ଦ୍ରାପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ବ୍ଲକ ଶିଶୁ ବିକାଶ ଅଧିକାରୀଣୀ ଶ୍ରୀମତୀ ସୁଜାତା ତ୍ରିପାଠୀ, କେନ୍ଦ୍ରାପଡ଼ା ଜିଲ୍ଲା ଶିଶୁ ବିକାଶ ଅଫିସର ପ୍ରୋଗ୍ରାମ ଅଧିକାରୀଣୀ ଭାରତୀ ବେହେରା, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା), ମନୋରଂଜନ ଦାସ ଏହି ଅବସରରେ ଯୋଗଦେଇ ମତବ୍ୟକ୍ତ କରିଥିଲେ ।

# ଫୁଲବାଣୀରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ





**ଫୁଲବାଣୀ , ୬/୨ (ନି.ପ୍ର):** ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା' ଏକ ନୂତନ ଗ୍ରାମଭିମୁଖି ଯୋଜନା ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ପାଇଁ ରାଜ୍ୟ ସରକାର ୫ ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି, ଏହିଁ ଯୋଜନା ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଓଡିଶାର ଗ୍ରାମାଞ୍ଚଳ ତ୍ୱରିତ ଓ ସାମଗ୍ରିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରିବା ତଥା ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମିର ବିକାଶ ନିମନ୍ତେ ବିଭିନ୍ନ ଉନ୍ନୟନ ପ୍ରକଳ୍ପମାନ ନିର୍ମାଣ କରାଯିବା ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢୀକରଣ,ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡକ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ଓ ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଆଜିର କାର୍ଯ୍ୟକ୍ରମ ଅବସରରେ ଫୁଲବାଣୀସ୍ଥିତ କୋରୋନେସନ୍ ପଡିଆରେ ଜିଲ୍ଲାସ୍ତରୀୟ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ୍, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଉପ-ଜିଲ୍ଲାପାଳ ଶ୍ରୀ ଚିତ୍ତରଞ୍ଜନ ମହନ୍ତ, ସାଂସଦ ପ୍ରତିନିଧି, ଫୁଲବାଣୀ ବ୍ଲକ, ଶ୍ରୀ ରାଜେନ୍ଦ୍ର ମାଝୀ, କନ୍ଧମାଳ ସାଂସଦ ପ୍ରତିନିଧି,ଫୁଲବାଣୀ ପୌର ପରିଷଦ ଶ୍ରୀ ଜଗନ୍ନାଥ ସାହୁ, ଫୁଲବାଣୀ ବିଧାୟକ ପ୍ରତିନିଧି ଶ୍ରୀ ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ପ୍ରାୟ ଦୁଇ ହଜାରରୁ ଅଧିକ ଜନସାଧାରଣ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମାଧ୍ୟମରେ ଅଂଶ ଗ୍ରହଣ କରିଥିଲେ ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ଶ୍ରୀ ଅନୁପ ଅଭିଷେକ ର୍ବେହେରା ପରିଚାଳନା କରିଥିଲେ ।

# ଟାଟା ପାୱାରର ବିଶ୍ୱନୀୟତାକୁ ନେଇ ଉଠିଲା ବିରାଟ ପ୍ରଶ୍ନବାଚୀ

## ପ୍ରଥମ ପାଞ୍ଚ ଦିନରେ ଆସିଲା ୨୮୦୦ ଟଙ୍କା ବିଦ୍ୟୁତ୍ ବିଲ

**ଭବାନୀପାଟଣା, ୬/୭(ନି.ପ୍ର):** ଓଡ଼ିଶାର ସିଂହ ଭାଗ ଜନସାଧାରଣ ପ୍ରତିଦିନ ବିଦ୍ୟୁତ ଉପରେ ନିର୍ଭରଶୀଳ। ସରକାର ଉପଭୋକ୍ତାଙ୍କ ସୁବିଧା ପାଇଁ ନିତି ନିର୍ଦ୍ଧାରଣ କରିଛନ୍ତି। ତେବେ ବର୍ତ୍ତମାନର ସମୟରେ ଟାଟା ପାୱାର ଉପଭୋକ୍ତାମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଲୋକଙ୍କୁ ବୋକା ବନେଇ ପୁରୁଣା ମିଟର ତ୍ରୁଟି ପରୀକ୍ଷା ନ କରି ଲୋକଙ୍କ ଘରେ ଅବା ଦୋକାନ ମାନଙ୍କରେ ଖଞ୍ଜି ଦେଉଛନ୍ତି ସ୍ମାର୍ଟ ମିଟର। ଆଉ କୁହାଯାଉଛି ଏହା ସ୍ମାର୍ଟ ମିଟର ନୁହଁ, ମିଟର ରେ ଯାନ୍ତ୍ରିକ ତ୍ରୁଟି ରହିଥିବାରୁ କେବଳ ମିଟର ପରିବର୍ତ୍ତନ କରାଯାଇଛି। ପରବର୍ତ୍ତୀ ମୁହୁର୍ତ୍ତରୁ ହିଁ ଉକ୍ତ ବ୍ୟକ୍ତିଙ୍କୁ ଶୋଷଣ କରିବାର ପ୍ରକ୍ରିୟା ଆରମ୍ଭ ହେଇ ଯାଉଛି। ରାଜ୍ୟର ପୂର୍ବତନ ଦକ୍ଷ ଶକ୍ତି ମନ୍ତ୍ରୀଙ୍କ ସହ ଉତ୍ତମ ମାନର ଡିଲ ପରେ ରାଜ୍ୟରେ ପ୍ରବେଶ କରିଥିଲା ଟାଟା ପାୱାର। ଯାହାର ପରିଣାମ ଆଜି ଓଡିଶାବାସୀଙ୍କୁ ଭୋଗିବାକୁ ପଡୁଛି। ଟାଟା ପାୱାର ଓଡିଶା ଆସିଲା ଦିନଠୁଁ ହିଁ ଟାଟାର କାର୍ଯ୍ୟ ଶୈଳୀ ଉପରେ ଆଙ୍ଗୁଳି ନିର୍ଦ୍ଦେଶ ହେଇ ଆସୁଥିବା ବେଳେ ଏ ଲୁଟେରା କମ୍ପାନୀ ଉପରେ ବର୍ତମାନର ନୂତନ ସରକାର ମଧ୍ୟ କୌଣସି ଲଗାମ ଲଗେଇ ପାରିଲେ ନାହିଁ।ସୂଚନା ମୁତାବକ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଭାନପୁର ଗ୍ରାମପଞ୍ଚାୟତ ସ୍ଥିତ ବାଲିପଡ଼ା ଗ୍ରାମର ଲୋଚନ ସାହୁ ତାଙ୍କ ଦୋକାନ ରେ ଲାଗିଥିବା ମିଟର ରିଡିଙ୍ଗ ସଠିକ କାମ ନ କରୁଥିବା ନେଇ ନର୍ଲା ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତାଙ୍କ ଦୋକାନ ରେ ଲାଗିଥିବା ମିଟରର କୌଣସି ପରୀକ୍ଷଣ ନ କରି ପୁରୁଣା ମିଟରକୁ ବାହାର କରି ନୂତନ ମିଟର ଲଗେଇ ଦିଆ ଯାଇଥିଲା। ଯାହାର ମାତ୍ର ପାଞ୍ଚ ଦିନ ପରେ ପ୍ରଥମ ବିଲ ତାଙ୍କୁ ଦିଆ ଯାଇଥିଲା ଯାହାର ପାଞ୍ଚ ଦିନର ପ୍ରଥମ ବିଲ ୨୮୦୦ ଟଙ୍କା ଆସିଥିଲା। ଯାହାର ଅଭିଯୋଗ ସେ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ କରିଥିଲେ ଏବଂ ଏହା ସ୍ମାର୍ଟ ମିଟର ଲଗେଇ ନାହାନ୍ତି ତ ବୋଲି ପ୍ରଶ୍ନ କରିଥିଲେ। ଯାହାର ଉତ୍ତରରେ ସ୍ମାର୍ଟ ମିଟର ଲଗା ଯାଇ ନାହିଁ ବୋଲି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ପକ୍ଷରୁ ଉତ୍ତର ମିଳିଥିଲା। ପରବର୍ତ୍ତୀ ମାସ ମାନଙ୍କ



ରେ ଠିକ ଏଭଳି ଅବସ୍ଥା ଜାରି ରହିଥିବା ବେଳେ ଛୋଟିଆ ଦୋକାନ ଟେ କରି ମାସକୁ ପାଞ୍ଚ ରୁ ଛଅ ହଜାର ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରି ପରିବାର ରେ ଗୁଜୁରାଣ ମେଣ୍ଟାଉଥିବା ଲୋଚନ ଟାଟା ପାୱାରରେ ବୋଝ ତଳେ ଚାପି ହେଇ ପଡିଲେଣି ବୋଲି ଦୁଃଖର ସହ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ନୂଆ ବିଶ୍ୱାସ ସହ ଲୋକେ ନୂତନ ସରକାରଙ୍କୁ ରାଜ୍ୟ କ୍ଷମତା ଭାର ଦେଇଥିବା ବେଳେ ରାଜ୍ୟ ସରକାର ଏ ସବୁ ବିଷୟ କୁ ଯଦି ଗୁରତ୍ୱ ସହ ନ ନେବେ ତାହାଲେ ଏହାର ପରିଣାମ ଆଗାମୀ ଦିନରେ ସରକାରଙ୍କୁ ଭୋଗିବାକୁ ପଡିବ ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।

# ଓଏସସିଆଇଟି ଶିକ୍ଷା କ୍ଷେତ୍ରରେ ଗଞ୍ଜାମ ରାଜ୍ୟରେ ଦ୍ୱିତୀୟ




**ଛତ୍ରପୁର, ୬/୭(ନି.ପ୍ର):** ରାଜ୍ୟରେ ଆନ୍ତର୍ଜାତିକ ସ୍ତରର କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରଦାନ କରି ଉଚ୍ଚକୋଟୀର ମାନବ ସମ୍ବଳ ବିକାଶ କରୁଥିବା ଓକେସିଏଲର ପାଠ୍ୟକ୍ରମ ପ୍ରଦାନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ବୁଧବାର ଦିନ ଭୁବନେଶ୍ୱରର ରେଳ ଅଡିଟୋରିୟମ ଠାରେ ଆୟୋଜିତ ଏକ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଓକେସିଏଲର ଗଞ୍ଜାମ ଜିଲ୍ଲାର ମୁଖ୍ୟ ଏସ ରେଖା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓକାକ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ରାଉତ, ହରିଆଣା ନଲେଜ କର୍ପୋରେସନ ର ପରିଚାଳନା ନିର୍ଦ୍ଦେଶକ ଅଭିଜିତ କୁଲକର୍ଣୀ, ମହାରାଷ୍ଟ୍ର ନଲେଜ କର୍ପୋରେସନ ର ବରିଷ୍ଠ କର୍ମକର୍ତ୍ତା ସୌମ୍ୟ ପାଣି ଓ ଓକେସିଏଲର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ବିରାରୀ ଅତିଥି ଭାବେ ଯୋଗ ଦେଇ କୃତ୍ରିମ ବୁଦ୍ଧିମତା (ଏ ଆଇ) ସମୃଦ୍ଧ ଓ ସଂଲଗ୍ନିତ ଓକେସିଏଲର ନୂତନ ପୀଢୀର କମ୍ପ୍ୟୁଟର ପାଠ୍ୟକ୍ରମ ଓଡିଶାର ଆଗାମୀ ପୀଢୀକୁ ପ୍ରତିଯୋଗିତା ମୂଳକ ଦୁନିଆରେ ପ୍ରକୃତ ରୂପରେ ନିଜ ସ୍ଥାନ ଅଧିକାର କରିବା ପାଇଁ ସହାୟକ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବରିଷ୍ଠ ଅର୍ଥନୀତିଜ୍ଞ ଅରୁଣ କୁମାର ସାବତ ଓ ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ ଅଶୋକ ଦାସ ଓଡ଼ିଶାର କୋଣ ଅନୁକୋଣରୁ ଆସି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଏକ ହଜାରରୁ ଉର୍ଦ୍ଧ୍ୱ ଓକେସିଏଲର ନେଟୱର୍କ ପାର୍ଟନର ଚଳିତ ବର୍ଷ ନୂତନ ଉତ୍ସାହର ସହ ନିଜ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସୁନ୍ଦର ଭବିଷ୍ୟତ ଗଢି ତୋଳିବାକୁ ପ୍ରଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ। ପୁରସ୍କାର ଗ୍ରହଣ କରିବା ପରେ ରେଖା ମହାନ୍ତି ଏହି ସଫଳତାର ଶ୍ରେୟ ଗଞ୍ଜାମ ଜିଲ୍ଲାର ସମସ୍ତ ନେଟୱର୍କ ପାର୍ଟନର ମାନଙ୍କୁ ଦେବା ସହ ଆଗାମୀ ଦିନରେ ଏହି ସଫଳତାକୁ ଦୋହରାଇବାକୁ ଆହ୍ୱାନ ଦେଇ ଥିଲେ।

# କ୍ଲଷ୍ଟର ସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ

**ଚକାପାଦ,୬/୭(ନି.ପ୍ର):** ଫୁଲବାଣୀ ବ୍ଲକ ଗୁମାଗଡ଼ ପଞ୍ଚାୟତ ରେ ଥିବା ଉପ୍ରା ବିଦ୍ୟାଳୟରେ ଏକ କ୍ଲଷ୍ଟର ସ୍ତରୀୟ ନିପୁଣ ମେଳା ସି ଆର୍ ସି ସି ଅରୂପ କୁମାର ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତାପ ଚନ୍ଦ୍ର କହଁର,ବକ୍ତା ରୂପେ ଫୁଲବାଣୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର କହଁର, ସମ୍ମାନୀତ ଭାବେ ନାଏବ ସରପଞ୍ଚ ରୋଜାଲିନି ସାହୁ, ସ୍କୁଲ ପ୍ରଧାନ ଶିକ୍ଷକ ଯକ୍ଷଚନ୍ଦ୍ର କହଁର, ପ୍ରାଡିପଦର ଉପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କୁଞ୍ଜ ବିହାରୀ ଜେନା, ସ୍କୁଲ ସଭାପତି ଲକ୍ଷ୍ମଣ କହଁର ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ୮ ଗୋଟି ବିଦ୍ୟାଳୟ ର ଯୋଗଦେଇଥିବା ବେଳେ ଏଠାରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପିତାମାତା ଗୋଷ୍ଠୀ ଙ୍କ ଦ୍ୱାରା ଘରେ ଓ ପରିବେଶରେ ଉପଲବ୍ଧ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ପାଠ ପ୍ରତି ଆକର୍ଷଣ କରିବା ଏବଂ ଶିକ୍ଷାର ଅଭିବୃଦ୍ଧି କରାଇ ମୌଳିକ ସାରକ୍ଷଣ ଓ ସଂଖ୍ୟାଜ୍ଞାନ ଆଣିବା ଉଦ୍ଧେଶ୍ୟ ରେ ଅନୁଷ୍ଠିତ ହୋଇଥିଲା । ଏହି ସ୍କୁଲ ରେ ବିଭିନ୍ନ ସମ୍ପର୍କିତ କୁ ନେଇ ୪ ଟି ଷ୍ଟଲ କରାଯିବା ସହ ନିପୁଣ ଓଡିଶା ର ଲୋଗୋ, ସଂଗୀତ, ଉନ୍ମୋଚନ ସହ



ଶପଥ ପାଠ କରାଯାଇଥିଲା । ଏଥିରେ ଶିକ୍ଷକ ବିନୋଦ କୁମାର ନାୟକ, ବସନ୍ତ କହଁର, କୁବେର ମଲ୍ଲିକ, ମନମୋହନ ଦାସ, ସରୋଜ କୁମାର ପାତ୍ର, କାହ୍ନୁ ଚରଣ ସାହାଣୀ, ଅମିତ କୁମାର କହଁର, ଶିକ୍ଷୟିତ୍ରୀ ସ୍ନେହଲତା ପ୍ରଧାନ, ସବିତା ଚୌଧୁରୀ, ତୃପ୍ତିମୟୀ ବେହେରା,ସୀତାଦେବୀ କହଁର,ଅନୁରାଧା କହଁର ସହଯୋଗ କରିଥିଲେ। ଏହା ପରେ ସି ଆର୍ ସି ସି ସୁଧାଂଶୁ ବେହେରା ଓ ପ୍ରଦୀପ କୁମାର ମହାନ୍ତି ନୃତ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ କେନପାଜୁ କ୍ଲଷ୍ଟର ସି ଆର୍ ସି ସି ଅରୂପ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ପାଇକଥୁଆ ଗୁଡା ଠାରେ ଆମ ଗାଁର ଇତିହାସ ଓ ସଂସ୍କୃତି ସମୀକ୍ଷା

**ଲାଞ୍ଜିଗଡ, ୬/୭(ନି.ପ୍ର):** ରାଜ୍ୟ ସରକାର ବିଭିନ୍ନ ସମୟରେ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଲୋକଙ୍କୁ ସଚେତନ କରୁଥିବା ବେଳେ ଓଡିଶା ଓସିପା ଓ କୃଷିବିଭଗ ମିଳିତ ଆନୁକୂଲ୍ୟରେ ଜୟଧର ସଗଡ଼ିଆଙ୍କ ତତ୍ତ୍ୱାବଧାନରେ ଆଜି ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ସ୍ଥିତ ପାଇକଥୁଆଗୁଡା ଠାରେ ଆମ ଗାଁର ଇତିହାସ ଓ ଖାଦ୍ୟ ସଂସ୍କୃତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବ୍ଲକର ୫ଗୋଟି ସ୍କୁଲ ସ୍ଥାନ ପାଇଥିବା ବେଳେ ବିଜେପୁର, ବେନଗାଁ, ପାହାଡ଼ ପଦର, ମାଲିଯୁବାଙ୍ଗ, ସମେତ କାନକୁଟ୍ରୁ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଛି । ପାଞ୍ଚ ଗୋଟି ସ୍କୁଲର ଛାତ୍ର ଛାତ୍ରୀ ମାନେ ନିଜନିଜ ଗାଁର



ଇତିହାସ,ପୂର୍ବ ପୁରୁଷ ମାନେ କେମିତି ରହୁଥିଲେ ଓ କେଉଁ ପ୍ରକାର ଖାଦ୍ୟ ଖାଇ ତାଙ୍କର ଜୀବନ ଜୀବିକା ଉପରେ ନିର୍ଭର କରୁଥିଲେ ଏସମ୍ପର୍କରେ ଛାତ୍ର ଛାତ୍ରୀ ମାନେ ନିଜେ ଲେଖି ନିଜ ସ୍କୁଲରେ ଉପସ୍ଥାପନା କରିବା ପାଇଁ ନିର୍ଦ୍ଦେଶ ରହିଛି । ନିର୍ଦ୍ଦେଶ କ୍ରମେ ଛାତ୍ରଛାତ୍ରୀ ମାନେ ଗାଁର ଇତିହାସ ଲେଖି ସ୍କୁଲରେ ଉପସ୍ଥାପନା କଲାପରେ ସ୍କୁଲରେ ଯେଉଁ ଛାତ୍ର ଛାତ୍ରୀ ମାନେ ଉପସ୍ଥାପନା କରି ଶ୍ରେଷ୍ଠ ବିବେଚିତ ହୋଇଥିଲେ ସେହି ଛାତ୍ରଛାତ୍ରୀ ମାନେ ପୁଣି ଥରେ ନିଜ ଗାଁରେ ଉପସ୍ଥାପନା କରିଥିଲେ । ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ଗମନାଗମନ, ଚାଷବାସ, ପୂର୍ବପୁରୁଷଙ୍କ ଚାଲି ଚଳଣି ଓ ପୂର୍ବ ପରମ୍ପରାକୁ ନେଇଁ ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ପାଇକଥୁଆ ଗୁଡା ଗାଁର ଶ୍ରୀକୃଷ୍ଣ ପୂଝାରୀ ଏକ ପୁସ୍ତକ ଲେଖି ଗାଁରେ ଉପସ୍ଥାପନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ଜୋନ -୨ ଜିଲ୍ଲାପରିଷଦ ପରୀକ୍ଷିତ ନାଏକ ଯୋଗ ଦେଇଥବା ବେଳେ ସମ୍ମାନିତ ଅତିଥି ଭାବେ ବିଜେପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ଯୋଗ ଦେଇଥିଲେ । ସେହିପରି ଟୀକା ମାଝୀ, ହରିଶ୍ଚନ୍ଦ୍ର ପୂଝାରି, ଇନ୍ଦ୍ର ମାଝୀ, ଜନସାହାଯ୍ୟ ସଂସ୍ଥା ଶ୍ରୀଅନ୍ନ ଯୋଜନା ସଂଯୋଜକ ସୁବାସ ନାଏକ, ଶିବାଶିଷ ରାୟ ସମେତ ଗ୍ରାମ ବାସି ଉପସ୍ଥିତ ଥିଲେ ।

# ବର୍ଣ୍ଣାଢ଼୍ୟ ପରିବେଶରେ ଧାମନଗର ପ୍ରେସ କ୍ଲବର ବାର୍ଷିକ ଉତ୍ସବ

**ଧାମନଗର ୬/୭(ନି.ପ୍ର):** ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ସର୍ବପୁରାତନ ସାମ୍ବାଦିକ ସଙ୍ଗଠନ ଧାମନଗର ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ସ୍ଥାନୀୟ ବିଧାୟକ ତଥା ଓଡ଼ିଶାର ଉଚ୍ଚଶିକ୍ଷା, କ୍ରୀଡ଼ା ଯୁବସେବା ଓ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜନସ୍ୱାର୍ଥ ପାଇଁ ଲଢେଇ କରୁଥିବା ଚତୁର୍ଥ ସ୍ତମ୍ଭର ଜାଗ୍ରତ ପ୍ରହରୀ ସାମ୍ବାଦିକ ମାନଙ୍କ ଦାୟିତ୍ୱକୁ ପ୍ରଶଂସା ସହ ସମ୍ମାନ ଜଣାଇଥିଲେ।ସାଡ଼ମ୍ବରେ ଅନୁଷ୍ଠିତ ଏହି ଉତ୍ସବ ସଭାରେ ଅଧ୍ୟକ୍ଷତା କରିଥିଲେ ପ୍ରେସ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁ। ଏଥିରେ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ଏବଂ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବିଶିଷ୍ଟ ସ୍ତମ୍ଭକାର ବିଜୟ ଦାସ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର



ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସମ୍ବାଦ ଏବଂ ସାମ୍ବାଦିକତା ସମ୍ପର୍କରେ ତଥ୍ୟ ଭିତ୍ତିକ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ସୁଶାନ୍ତ କୁମାର ରାଉତ ମଞ୍ଚ ଆବାହନ, କିଶାନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଓଡ଼ିଶା ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଥିଲା। ସଧାରଣ ସମ୍ପାଦକ ରଜତ କୁମାର ପଣ୍ଡା ବିବରଣୀ ପାଠ କରିଥିବା ବେଳେ ଉପ ସଭାପତି ସୁଧାକର ଦାଶ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରେସ କ୍ଲବର ପ୍ରତିଷ୍ଠାତା ସଭ୍ୟ ତଥା ଉପଦେଷ୍ଟା ରସାନନ୍ଦ ମହାପାତ୍ର, ଅନିଲ କୁମାର ବାରିକ,ବାସୁଦେବ ତ୍ରିପାଠୀ, ରତ୍ନାକର ଦାସ, ଧନେଶ୍ୱର ପଣ୍ଡା, ସୁଧୀର କୁମାର ପଣ୍ଡା ଏବଂ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କିଛି ବ୍ୟକ୍ତି ବିଶେଷ ଗିରିଶ ମିଶ୍ର, ହେମେନ୍ଦ୍ର ସାହୁ, ଶୁଭେନ୍ଦୁ ଲେଙ୍କା, ଜୟନ୍ତ ବିଶ୍ୱାଳ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଉତ୍ସବ ସଭାର ଶେଷ ସ୍ୱର୍ଣ ପ୍ରଦାନ କରିଥିଲେ।ଉତ୍ସବର ଦ୍ୱିତୀୟ ପର୍ବରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ଅଧିବକ୍ତା, ରାଜନେତା, ସାହିତ୍ୟିକ, ସଙ୍ଗଠକ, ଶିକ୍ଷାବିତ ମାନେ ଯୋଗ ଦେଇଥିଲେ।

# ବାଲେଶ୍ୱର ଜିଲ୍ଲାରେ ଚୋରି, ପୋଲିସ ଉପରୁ ଲୋକଙ୍କ ଭରସା ତୁଟୁଛି

**ବସ୍ତା, ୬/୭(ନି.ପ୍ର):** ଆଇନ ଶୃଙ୍ଖଳା ରକ୍ଷା,ଅପରାଧ ନିୟନ୍ତ୍ରଣ ଏବଂ ସାଧାରଣ ଜନତାଙ୍କ ଧନଜୀବନର ସୁରକ୍ଷା ହେଉଛି ପୋଲିସର ପ୍ରାଥମିକ କର୍ତ୍ତବ୍ୟ।ପୋଲିସ ବିଭାଗକୁ ଏକ ଭରସାଯୋଗ୍ୟ ବିଭାଗ ବୋଲି ଜନସାଧାରଣଙ୍କ ମନେ କରୁଥିଲେ।ହେଲେ ରୁପସା ଥାନା ବସ୍ତା ଥାନା ଓ ଅମର୍ଦାରୋଡ ଫାଣ୍ଡି ଉପରୁ ଜନସାଧାରଣଙ୍କ ଭରସା ଦିନକୁ ଦିନ ତୁଟିବାର ବସି ଲାଣି।ପୂର୍ବ ସରକାର ପୋଲିସ ପ୍ରଶାସନ ଜନସାଧାରଣଙ୍କୁ ସୁରକ୍ଷା ରୂପକ ସେବା ଯୋଗାଇ ଦେବା ପାଇଁ ଓ ବନ୍ଧୁକ ପରିବର୍ତ୍ତେ ବନ୍ଧୁତ୍ୱର ସମ୍ପର୍କ ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ମଧ୍ୟ ଏବେ ରୁପସା ଥାନା ବସ୍ତା ଥାନା ଓ ଅମର୍ଦାରୋଡ ଫାଣ୍ଡି ଅଞ୍ଚଳରେ ଜନସାଧାରଣ ପୋଲିସ ସୁରକ୍ଷାରୁ ବଞ୍ଚିତ ହୋଇ ଚୋରି ଡକାୟତି ଓ ଲୁଟେରାଙ୍କ ଶିକାର ହେଉଛନ୍ତି। କିଛି ଦିନ ହେବ ରୁପସା ଅଞ୍ଚଳରେ ଦିନ ଦୀପହରେ ଚୋର ର ଆତଙ୍କ ମାଡିଚାଲିଛି, ସେ ଭଳି ନଟା କଟା ପଞ୍ଚାୟତ ସ୍ଥିତ ଅମର୍ଦାରୋଡ ଫାଣ୍ଡି ଅଞ୍ଚଳରୁ ଗତ କିଛି ମାସ ହେବ ଚୋରି ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି।ଘଟଣା ସମ୍ପର୍କରେ ପଚାରିଲେ ତଦନ୍ତ ପ୍ରକ୍ରିୟା ଚାଲିଛି ହେଲେ ଚୋର ଧରିବାରେ ବିଫଳ ହୋଉଛି




ପୋଲିସ। ସୂଚନା ଥାଉ କି ଯେ, ଅମର୍ଦାରୋଡ ସଡକ ପାର୍ଶ୍ୱରେ ଥିବା କିଆପଣସି ଗ୍ରାମର ଚୈତନ୍ୟ ବେହେରା ନାମକ ଏକ ଆଳୁ ଗୋଦାମ ରହିଛି। ଗତକାଲି ଗୁରୁବାର ରାତ୍ରୀ ପ୍ରାଏ ୧୦ ଘଟିକା ସମୟରେ ଘରକୁ ଯିବା ପାଇଁ ଗୋଦାମ ବନ୍ଦ କରୁ ଥିବାବେଳେ ମୟୂରଭଞ୍ଜ ଆଡୁ ହଠାତ ଏକ ବାଇକ ଯୋଗେ ୩ ଦୁର୍ବୃତ୍ତମାନେ ଆସି ଜୋର ଜବରଦସ୍ତ ଗୋଦାମରେ ପଶି ଟଙ୍କା ବ୍ୟାଗ ଓ ଜରୁରୀ କାଗଜ ପତ୍ର ନେଇ ପଳାଇଥିଲେ।ଏନେଇ ଶ୍ରୀ ବେହେରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ଅମର୍ଦାରୋଡ ଛକରୁ ବାଇକ ଚୋରି ତ କିଛି ମାସ ହେଲା କାହା ଘର ଆଗରୁ ସାଇକେଲ ଚୋରି ତ କେତେ ବେଳେ ହାଟରୁ ମୋଟର ସାଇକେଲ ଚୋରି, କେତେ ବେଳେ ରାତ୍ରୀ ସମୟରେ ଘରେ ପଶି ଚୋରୀ ହେବାରେ ଲାଗିଛି।ସେ ଭଳି ଆଙ୍କ ଗ୍ରାମ ରେ ମହିନ୍ଦ୍ର ଦାସ ଙ୍କ ଘରୁ ଦିନ ରେ ସୁନା ଅଳଙ୍କାର ଚୋରି ହୋଇଛି,ବାରମ୍ବାର ଥାନା ରେ ଚୋରି ଉପଦ୍ରବ ବୃଦ୍ଧି ପାଉଥିବାରୁ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି।ତେବେ ନାଲିବତୀ ଗାଡ଼ି ବୁଲିବାରେ ବ୍ୟସ୍ତ ହେଲେ ସୁରକ୍ଷା ପାଉ ନାହାଁନ୍ତି ଲୋକେ।ବାରମ୍ବାର ଚୋରି ଉପଦ୍ରବ ବୃଦ୍ଧି ପାଉ ଥିବାରୁ ଲୋକଙ୍କ ପୁଞ୍ଜିଭୂତ ଅସନ୍ତୋଷ ଆଗାମୀ ଦିନ ରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ, ଏଥିରେ ଦ୍ୱିମତ ନାହିଁ।ତେବେ ପୋଲିସ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସାଧାରଣ ଜନତା ଙ୍କ ଧନଜୀବନ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେ ପାଇଁ ସଚେତନତା ବୈଠକ

**ବେଗୁନିଆପଡା, ୬/୭(ନି.ପ୍ର):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ପାଇଁ ବର୍ତ୍ତମାନ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଏଥିପାଇଁ ଶୁକ୍ରବାର ଦିନ ବେଗୁନିଆପଡା ବ୍ଲକ ମର୍ଦ୍ଦରାଜ ସମ୍ମିଳନି କକ୍ଷରେ ଆବାସ ଯୋଜନା ନୂତନ ସର୍ଭେ ସମ୍ବନ୍ଧିୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସର୍ଭେ ଦୁଇ ପ୍ରକାର ମାଧ୍ୟମରେ କରାଯାଇପାରିବ। ଏଥିପାଇଁ ଏକ ଆୱାସ ପ୍ଲସ ଆପ ମାଧ୍ୟମରେ ଆବେଦନ କରିବେ ଏହି ଆପରେ ବ୍ୟକ୍ତିଗତ ଭାବରେ ହିତାଧିକାରୀ ନିଜେ ଆବେଦନ କରିପାରିବେ ନଚେତ ଅଫିସିଆଲ ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ । ଏହି ଆପରେ ଥିବା ବିଭିନ୍ନ ଅପସନ ଗୁଡିକ ମଧ୍ୟରୁ କିଭଳି ଚୟନ କରିବେ ସେ ଗୁଡିକ ବିଷୟରେ ଏଲ ଇ ଡି ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା । ଅନେକ ଅଯୋଗ୍ୟ ହିତାଧିକାରୀ ସର୍ଭେ ରେ ରହିଥିଲେ ପର ମୁହୂର୍ତ୍ତ ରେ ସେମାନଙ୍କୁ ବାଦ ଦିଆଯାଇପାରିବ କିନ୍ତୁ ଜଣେ ଯୋଗ୍ୟ ହିତାଧିକାରୀ ଯେପରି ସର୍ଭେ ରୁ ବଂଚିତ ନ ହୁଅନ୍ତି ସେଥିପାଇଁ ଜନସାଧାରଣଙ୍କୁ



ସଚେତନ କରାଇବା ପାଇଁ ବ୍ୟବସ୍ଥା କରିବା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଏବିଡ଼ିଓ ନିରଞ୍ଜନ ବେହେରା, ବିପିସି ବୃନ୍ଦାବନ ସାହୁ ଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ମାନେ ଉପସ୍ଥିତ ରହିଥିଲେ ।

# ବାଣିପଙ୍ଗା ବିଦ୍ୟାଳୟରେ ସରପଞ୍ଚଙ୍କୁ ଦୁର୍ବ୍ୟବହାର ଘଟଣା

## ନିଜ ଦୋଷ ଲୁଚାଇବାକୁ ଯାଇ ଖେଳ ଶିକ୍ଷକ ରଚିଲେ ଖେଳ

**ଲାଞ୍ଜିଗଡ ୬/୭(ନି.ପ୍ର):** ଲାଞ୍ଜିଗଡ଼ ବ୍ଲକ ବାତେରଲିମା ପଞ୍ଚାୟତ ସ୍ଥିତ ବାଣିପଙ୍ଗା ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ବାତେର ଲିମା ପଞ୍ଚାୟତର ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାରେ ଗାଲି ଗୁଲଜ ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣିଥିଲେ ସରପଞ୍ଚ କରୁଣା ମାଝୀ । ସୂଚନା ମତେ ଆଜି ଦିନ ଦ୍ୱିପ୍ରହରେ ନିରୀହ ଛାତ୍ର ଛାତ୍ରୀ ମାନଙ୍କୁ ସଦ ଜ୍ଞାନଦେବା ପରିବର୍ତ୍ତେ ସେମାନଙ୍କୁ ନିଜ ଦୋଷ ଲୁଚେଇବାକୁ ଯାଇ ସରପଞ୍ଚଙ୍କ ବିରୋଧରେ ବିଭିନ୍ନ ପ୍ରକାର ଖେଳ ରଚି ଛାତ୍ର ଛତ୍ରୀ ମାନଙ୍କୁ ସେ ଅସ୍ତ୍ର କରି ବାଣୀପଙ୍ଗା ସରକାରୀ ଏସ ଏସଡି ସ୍କୁଲ ଠାରୁ ଲାଞ୍ଜିଗଡ ଥାନା ପର୍ଯ୍ୟନ୍ତ ଚଲାଇ ଚଲାଇ ନେବା ଓ ସରପଞ୍ଚ ଙ୍କ ବିରୋଧରେ ମୁର୍ଦ୍ଦାବାଦ ସ୍ଲୋଗାନ ଦେବା ଏବେ ସାଧାରଣରେ ଏବଂ ଅଭିଭାବକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହାକୁ ନେଇଁ ଲାଞ୍ଜିଗଡ ବ୍ଲକର ସରପଞ୍ଚ, ସମିତି ସଭ୍ୟ ସଂଘ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତିନିଧି ମିଳିତ ଉଦ୍ୟମରେ ଲାଞ୍ଜିଗଡ ବିଡ଼ିଓ ଙ୍କୁ ଏକ ଲିଖିତ ଅଭିଯୋଗ କରିବା ସହିତ ଏହାର ଯଦି ଆସୁ ସମାଧାନ କରା ନ ଗଲେ ପରବର୍ତ୍ତୀ ସମୟରେ ସେହି ଶିକ୍ଷକଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସରପଞ୍ଚ ଓ ସମିତି ସଭ୍ୟ ସଂଘ ନିଷ୍ପତି ନେଇଁଛନ୍ତି । ସୂଚନା ମତେ ବାଣୀପଙ୍ଗା ସ୍କୁଲ ଶିକ୍ଷକଙ୍କୁ ଶ୍ରୀ ମାଝୀ ତିନି ମାସ ଆଗରୁ ତାଗିତ କଲା ପରେ ମଧ୍ୟ ସ୍କୁଲକୁ ବିଳମ୍ବରେ ଯାଉଥିଲେ ଏହାକୁ ଆଧାର କରି ଗୁରୁବାର ଦିନ ୧୧ ଘଣ୍ଟା ସମୟରେ ବାଣୀପଙ୍ଗା ସରକାରୀ ଏସ ଏସଡି ବାଳିକା ସ୍କୁଲ ସମ୍ମୁଖରେ ରହି ତିନି ଶିକ୍ଷକଙ୍କ ଭିଡିଓ ଉତ୍ତୋଳନ କଲା ସମୟରେ ଖେଳ ଶିକ୍ଷକ ଉତ୍ୟକ୍ତ ହୋଇ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରିଥିଲେ । ତେବେ ଏହାର ସଠିକ ତଦନ୍ତ କରି ସତ୍ୟସତ୍ୟ ସାମ୍ନାକୁ ଆସିବ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯାଉବୋଲି ସାଧାରଣରେ ଦାବି ହେଉଛି

## ସଂପାଦକୀୟ

# ମହାରାଣୀଙ୍କ ଅବସାନ

ବ୍ରିଟେନ୍ ବା ଇଂଲଣ୍ଡର ମହାରାଣୀ ଏଲିଜାବେଥ୍(ଦ୍ୱିତୀୟ)ଙ୍କର ଗୁରୁବାର ରାତିରେ ପରଲୋକ  ଫଳରେ ଗୋଟିଏ ଯୁଗର ଅବସାନ୍ ଘଟିଛି। ରାଜତନ୍ତ୍ର ପ୍ରଚଳିତ ଥିବା ଏହି ପାଶ୍ଚତ୍ୟ ରାଷ୍ଟ୍ରରେ ସର୍ବାଧିକ ସମୟ ଶାସନରେ ରହି ମହାରାଣୀ ଏଲିଜାବେଥ୍ ଏକ ଐତିହାସିକ ବ୍ୟକ୍ତିତ୍ୱରେ ପରିଣତ ହୋଇଥିଲେ। ସମ୍ଭବତଃ ବିଶ୍ୱର କୌଣସି ଶାସକ ବା ଶାସିକା ଦୀର୍ଘ ୭୦ ବର୍ଷ ଧରି ଏକାଦିକ୍ରମେ। ରାଷ୍ଟ୍ରମୁଖ୍ୟ ହେବାର ଗୌରବ ଅର୍ଜନ କରିନଥିଲେ, ଯାହା ମହାରାଣୀଙ୍କ ଭାଗ୍ୟରେ ଜୁଟିଥିଲା। ପରିଣତ ବୟସ ଅର୍ଥାତ୍ ୯୬ ବର୍ଷ ବୟସରେ ମହାରାଣୀ ଏଲିଜାବେଥ୍ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବିଶ୍ୱ ଇତିହାସର ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାର ସେ ଥିଲେ ପ୍ରତ୍ୟକ୍ଷଦର୍ଶୀ ଓ ତାଙ୍କରି ରାଜତ୍ୱ କାଳରେ ବ୍ରିଟେନ୍ ଏକ ସମୃଦ୍ଧି ତଥା ବିକଶିତ ଦେଶରୁ ଦୁର୍ବଳ ଓ ଶକ୍ତିହୀନ ଦେଶରେ ପରିଣତ ହୋଇଥିଲା। ୧୯୫୨ ମସିହାରେ ବ୍ରିଟେନର  ତତ୍କାଳୀନଶାସନ ରାଜା ଷଷ୍ଠ ଜର୍ଜଙ୍କ ବିୟୋଗ ପରେ କନ୍ୟା ଏଲିଜାବେଥ୍ ମାତ୍ର ୨୬ ବର୍ଷ ବୟସରେ ରାଜଗାଦିରେ ଅଭିଷିକ୍ତା ହୋଇଥିଲେ। ସେହିଦିନ ଠାରୁ ସେ ଆଉ ପଛକୁ ନ ଚାହିଁ ଦେଶର ସ୍ୱାମ୍ବିଧାନିକ ରାଷ୍ଟ୍ରମୁଖ୍ୟ ରୂପେ ଦାୟିତ୍ୱ ନିର୍ବାହ କରି ଚାଲିଥିଲେ। ଶାସନ କ୍ଷମତା ଗ୍ରହଣ କରିବା ପରେ ରାଣୀ ଏହି ଜାବେଥ୍ ବ୍ୟାପକ ସାମାଜିକ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ବ୍ରିଟେନ୍‌ର ସମୃଦ୍ଧି ଦିଗରେ ବହୁ ଯୁକାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ଦୀର୍ଘ ୭୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ଅନେକ ବଡ଼ ଘଟଣାର ସାମ୍ନା କରିବାକୁ ପଡ଼ିଥିଲା। ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଆର୍ଥିକ ଦୁଃସ୍ଥିତିର ମୁକାବିଲା ଠାରୁ ଆରମ୍ଭ କରି ଶୀତଳ ଯୁଦ୍ଧର ସମାପ୍ତି ଏବଂ ୟୁରୋପୀୟ ୟୁନିୟନରେ ବ୍ରିଟେନ୍‌ର ପ୍ରବେଶ ଓ ପ୍ରତ୍ୟାହାର ପର୍ଯ୍ୟନ୍ତ ସବୁକିଛି ଘଟଣା ତାଙ୍କ ରାଜ୍ୟତ୍ୱ କାଳରେ ହିଁ ଘଟିଥିଲା। ବ୍ରିଟେନ୍‌ର ରାଜତନ୍ତ୍ର ଇତିହାସରେ ପୂର୍ବକୁ ଆଉ ଜଣେ ଏଲିଜାବେଥ୍ ରାଜଗାଦିରେ ଅଧିଷ୍ଠିତା ହୋଇଥିଲେ ଓ ମହାରାଣୀ ଏଲିଜାବେଥ୍ (ପ୍ରଥମ) ରୂପେ ସେ ପରିଚିତା ଥିଲେ। ସେହି ଦୃଷ୍ଟିରୁ ୭୦ ବର୍ଷ ଶାସନ ଗାଦିରେ ରହି ଗୁରୁବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ମହାରାଣୀଙ୍କୁ ଦ୍ୱିତୀୟ ଏଲିଜାବେଥ୍ ଆଖ୍ୟା ଦିଆଯାଇଥିଲା। ଏହି ସୁଦୀର୍ଘ ଶାସକ କାଳରେ ସେ ପ୍ରାୟ ୧୫ ଜଣ ପ୍ରଧାନମନ୍ତ୍ରୀଙ୍କ ସହିତ କାର୍ଯ୍ୟ କାରିବାର ସୁଯୋଗ ପାଇଥିଲେ। ଦେଶର ବିଚକ୍ଷଣ ରାଷ୍ଟ୍ରନାୟକ ତଥା ସୁଦକ୍ଷ ପ୍ରଧାନମନ୍ତ୍ରୀ ସାର୍ ଉଇନ୍‌ଷ୍ଟନ ଚର୍ଚ୍ଚିଲାଙ୍କ ଠାରୁ ଆରମ୍ଭ କରି ମାତ୍ର ତିନିଦିନ ପୂର୍ବେ ପ୍ରଧାନମନ୍ତ୍ରୀ ଗାଦିରେ ବସିଥିବା ୪୭ ବର୍ଷୀୟା ମହିଳା ଲିଜ୍ ଟ୍ରସ୍‌ଙ୍କୁ ମହାରାଣୀ ଶପଥ ପାଠ କରାଇ ଏକ ବିରଳ ରେକର୍ଡ଼ ସ୍ଥାପନ କରିଥିଲେ। ଗତବର୍ଷ ଏପ୍ରିଲ୍ ମାସରେ ମହାରାଣୀଙ୍କ ସ୍ୱାମୀ ପ୍ରିନ୍ସ ଫିଲପ୍‌ଙ୍କ ପରଲୋକ ଘଟିବା ପରେ ସେ ମାନସିକ ଓ ଶାରୀରିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ତଥାପି ଭଗ୍ନ ସ୍ୱାସ୍ଥ୍ୟରେ ମଧ୍ୟ ତାଙ୍କୁ ଅନେକ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡୁଥିଲା। ରାଜତନ୍ତ୍ରର ପରମ୍ପିରା ଅନୁଯାୟୀ ମହାରାଣୀଙ୍କ ଜ୍ୟେଷ୍ଠ ପୁତ୍ର ୭୪ ବର୍ଷିୟ ଯୁବରାଜ ଚାଲସି ବ୍ରିଟେନ୍‌ର ପରବର୍ତ୍ତୀ ରାଜା ବା ଶାସକ ହେବାକୁ ଯାଉଛନ୍ତି। ଏକ ଐତିହାସିକ ଜୀବନର ପରିସମାପ୍ତି ଓ ନୂତନ ରାଜାଙ୍କ ଅଭିଷେକ ସମଗ୍ର ବିଶ୍ୱରେ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି।

# ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଣୀ ଓଡ଼ିଶା

**ଡାକ୍ତର କାନ୍ତୀ ନାୟକ**

ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ବିଶେଷକରି ଶିଶୁମୃତ୍ୟୁ ହାର ରୋକିବା ଦିଗରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ। ଦୀର୍ଘ ଦିନର ଅଧ୍ୟୟନ ପରେ ରାଜ୍ୟକୁ ମିଳିଛି ଏହି ସଫଳତା। ସେହିପରି ମାତୃମୃତ୍ୟୁହାର ରୋକିବା କ୍ଷେତ୍ରରେ ମଧ୍ୟ ରାଜ୍ୟକୁ ବିଶେଷ ସଫଳତା ମିଳିଛି। ମାତୃ ମୃତ୍ୟୁ ରୋକିବାରେ ଜାତୀୟ ହାର ଠାରୁ ଓଡ଼ିଶା ଆଗରେ ରହିଛି। ଏ କ୍ଷେତ୍ରରେ ଦେଶର ପ୍ରଥମ ପାଞ୍ଚୋଟି ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। ସେପଟେ ଓଡ଼ିଶା ବିରଳ ରୋଗର ଚିକିତ୍ସା ପାଇଁ ନିଜସ୍ୱ ମାର୍ଗଦର୍ଶିକା ପ୍ରସ୍ତୁତ କରିବ। ଏ କ୍ଷେତ୍ରରେ ଦେଶର ପ୍ରଥମ ରାଜ୍ୟ ହେବ ଓଡ଼ିଶା।

ଓଡ଼ିଶାରେ ଶିଶୁ ମୃତ୍ୟୁହାର ଉଦବେଗଜନକ ଥିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସଂକଳ୍ପ ନେଇଥିଲେ। ଆଉ ଆଜି ଶିଶୁମୃତ୍ୟୁ ହାର କମାଇବାରେ ଓଡ଼ିଶା ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛି। ବିଭିନ୍ନ କ୍ଷେତ୍ରରେ ବିକାଶ ନେଇ ଓଡ଼ିଶା କ୍ରମାଗତ ସଫଳତା ପାଇଁ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିବାବେଳେ ଏବେ ଶିଶୁମୃତ୍ୟୁ ରୋକିବାରେ ମଧ୍ୟ ଅଗ୍ରଣୀ ରାଜ୍ୟ ହୋଇଛି। ଓଡ଼ିଶା ଶିଶୁମୃତ୍ୟୁ ହାରରେ ୩୯ ପଏଣ୍ଟ ହ୍ରାସ କରିବାରେ ସଫଳ ହୋଇଛି। ୨୦୦୫ରୁ ୨୦୨୦ ମଧ୍ୟରେ ରାଜ୍ୟକୁ ଏହି ସଫଳତା ମିଳିଛି। ଏହି ସମୟ ମଧ୍ୟରେ ଏହା ସମଗ୍ର ଦେଶରେ ସର୍ବାଧିକ ହ୍ରାସ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବର୍ତ୍ତମାନ ରାଜ୍ୟର ଶିଶୁମୃତ୍ୟୁ ହାର ପ୍ରତି ଏକ ହଜାରରେ ୩୬କୁ ହ୍ରାସ ପାଇଛି।

ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ଦେଇଥିବା ତଥ୍ୟ ଅନୁସାରେ ୨୦୦୫ରୁ ୨୦୨୦ ମଧ୍ୟରେ ଓଡ଼ିଶାରେ ଶିଶୁମୃତ୍ୟୁ ହାର ସର୍ବାଧିକ ୩୯ ପଏଣ୍ଟ ହ୍ରାସ ପାଇଥିବା ବେଳେ ଏହାପଛକୁ ରାଜସ୍ଥାନ (୩୬), ଉତ୍ତରପ୍ରଦେଶ (୩୫), ବିହାର (୩୪), ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ସ ଜମ୍ମୁ କାଶ୍ମୀର (୩୩), ହିମାଚଳ ପ୍ରଦେଶ, ଆସାମ ଓ ହରିୟାନା (୩୨) ଅଛନ୍ତି। ଏହି ତାଲିକାରେ ମହାରାଷ୍ଟ୍ର, ଦିଲ୍ଲୀ, କେରଳ, ତାମିଲନାଡୁ, ପଞ୍ଜାବ, ଗୁଜୁରାଟ ଭଳି ରାଜ୍ୟ ବହୁ ପଛରେ ଅଛନ୍ତି। ଏହି ସମୟ ମଧ୍ୟରେ ଜାତୀୟସ୍ତରରେ ଶିଶୁମୃତ୍ୟୁ ହାର ୩୦ ପଏଣ୍ଟ ହ୍ରାସ ପାଇଛି। ଶିଶୁମୃତ୍ୟୁ ହାର ହ୍ରାସ କରିବା କିଛି କମ ଆହ୍ୱାନପୂର୍ଣ୍ଣ ନଥିଲା। ୨୦୦୧ରେ ପ୍ରତି ଏକ ହଜାର ପ୍ରସବରେ ୯୬ ଜଣ ଶିଶୁ ପ୍ରାଣ ହରାଉଥିଲେ। ପ୍ରସବ ପାଇଁ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଆଣିବା, ଡାକ୍ତରଖାନାରେ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ସରକାର ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଆରମ୍ଭ କରିଥିଲେ। ତେବେ ସୁରକ୍ଷିତ ପ୍ରସବ ପରେ କିଛି ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ କୁପୋଷଣ, ରୋଗ ବ୍ୟାଧିରୁ ଦୂରେଇ ରଖିବା କାମ ମଧ୍ୟ କିଛି କମ କଷ୍ଟକର ନଥିଲା। ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗର ମିଳିତ ପ୍ରୟାସ ଆରମ୍ଭ ହୋଇଥିଲା। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ଏଥିରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରାଯାଇଛି। ଶିଶୁଙ୍କଠାରେ ଓଜନ ହ୍ରାସ, କୁପୋଷଣ, ଉଚ୍ଚତା ହ୍ରାସ ଭଳି ସମସ୍ୟା ଦୂର ହେବା ଆରମ୍ଭ କରିଥିଲା। ଏଥିସହ ଶିଶୁଙ୍କର ନିୟମିତ ଟିକାକରଣକୁ ସୁନିଶ୍ଚିତ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ମାତୃ ଶିଶୁ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଜନନୀ ଏକ୍ସପ୍ରେସ ବ୍ୟବସ୍ଥା ହୋଇଛି। ୨୦୦୫ରେ ଆରମ୍ଭ ହୋଇଥିବା ଜନନୀ ସୁରକ୍ଷା ଯୋଜନାରେ ଡାକ୍ତରଖାନା ପରିବହନ ପାଇଁ ଆର୍ଥିକ ସହାୟତା ଦିଆଯାଉଛି। ଫଳରେ ଗର୍ଭବତୀ କିମ୍ବା ନବଜାତଙ୍କୁ ଡାକ୍ତରଖାନାରେ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ସମ୍ଭବ ହୋଇଛି। ଅପରିପକ୍ୱ ଶିଶୁ ଜନ୍ମ, ସଂକ୍ରମଣ, ଡାଇରିଆ, ଶ୍ୱାସଜନିତ ସମସ୍ୟା, କାମଳ ରୋଗରୁ ପିଲାଙ୍କୁ ସୁରକ୍ଷା ଦିଆଯାଉଛି।

**ମାତୃମୃତ୍ୟୁ ହାର ହ୍ରାସରେ ଓଡ଼ିଶାକୁ ସଫଳତା :**ଶିଶୁମୃତ୍ୟୁ ହାର ହ୍ରାସ କରିବାରେ ସଫଳତା ପାଇଥିବା ଓଡ଼ିଶାକୁ ମାତୃମୃତ୍ୟୁ ହାର କମାଇବାରେ ମଧ୍ୟ ସଫଳତା ମିଳିଛି। ଗତ ମେ ମାସରେ ପ୍ରକାଶିତ ସାମ୍ପୁଲ ରେଜିଷ୍ଟ୍ରେସନ ସିଷ୍ଟମ ରିପୋର୍ଟ ଅନୁସାରେ ଓଡ଼ିଶାରେ ମାତୃମୃତ୍ୟୁ ହାର ୧୪ ପଏଣ୍ଟ ହ୍ରାସ ପାଇଛି। ୨୦୧୭-୧୯ ମଧ୍ୟରେ ଏହି ସଫଳତା ମିଳିଛି। ଫଳରେ ଏକ ଲକ୍ଷ ପ୍ରସବରେ ମୃତ୍ୟୁସଂଖ୍ୟା ୧୩୬କୁ ହ୍ରାସ ପାଇଛି। ୨୦୧୬-୧୮ରେ ପ୍ରତି ଏକ ଲକ୍ଷରେ ୧୫୦ ମୃତ୍ୟୁ ହେଉଥିଲା। ଏମଏମଆର ହ୍ରାସ ତାଲିକାରେ ଓଡ଼ିଶା ୫ମ ସ୍ଥାନରେ ରହିଛି। ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ସମ୍ବେଦନଶୀଳ ଗର୍ଭବତୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ସହିତ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଇଣ୍ଟିଗ୍ରେଟେଡ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି। ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇ ଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରିକ୍ତ ମାତୃତ୍ୱ ପ୍ରତୀକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି। ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ ମାତୃମୃତ୍ୟୁ ହାର ହ୍ରାସ କରିବାରେ ଓଡ଼ିଶା ଦେଶର ପ୍ରଥମ ୫ଟି ରାଜ୍ୟ ମଧ୍ୟରେ ରହିଛି। ଉତ୍ତରପ୍ରଦେଶ, ବିହାର, ପଞ୍ଜାବ, ରାଜସ୍ଥାନ ତାଲିକାର ଶୀର୍ଷରେ ରହିଛନ୍ତି। ପୂର୍ବାପେକ୍ଷା ଓଡ଼ିଶାରେ ଏମଏମଆର ୮.୫% ହ୍ରାସ ପାଇଛି। ଜାତୀୟ ସ୍ତରରେ ଏମଏମଆର ୧୦ ପଏଣ୍ଟ (୬.୫%) ହ୍ରାସ ପାଇଛି। ମାତୃମୃତ୍ୟୁ ପାଇଁ ପ୍ରସବ ସମୟରେ ଜଟିଳତା, ସଂକ୍ରମଣ ଏବଂ ଅସୁରକ୍ଷିତ ଗର୍ଭପାତ ଦାୟୀ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ହେଉଛି ଦୁଇ ବର୍ଷ ତଳର। ୨୦୧୯ ପରେ ଶିଶୁ ଓ ମାତୃ ସୁରକ୍ଷା ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ବିଶେଷକରି ସବୁ ଡାକ୍ତରଖାନାରେ ମାତୃଶିଶୁ ଡାକ୍ତରଖାନା ପ୍ରତିଷ୍ଠା ସହିତ ଅନ୍ୟ ଭିତ୍ତିଭୂମି ସୁଦୃଢ଼ କରାଯାଇଛି। ଅଗମ୍ୟ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚିବା ପ୍ରକ୍ରିୟା ପୂର୍ବାପେକ୍ଷା ତ୍ୱରାନ୍ୱିତ ହୋଇଛି। ତେଣୁ ଏବେ ଏମଏମଆର ଆହୁରି ହ୍ରାସ ପାଇଛି ବୋଲି କୁହାଯାଇଛି। ସରକାରୀ ଡାକ୍ତରଖାନାରେ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ବିନା ମୂଲ୍ୟରେ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେବା ଅତ୍ୟନ୍ତ ଜରୁରୀ ଓ ନିରାପଦ।

# ସତ୍‌ସଙ୍ଗର ଆହ୍ୱାନ - ବ୍ରହ୍ମାନନ୍ଦଂ ପରମ ସୁଖଦଂ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଯୁଗଟା ଥିଲା ପରମପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନରେ କୀର୍ତ୍ତନର ଯୁଗ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ ଯାହା କରିଛନ୍ତି ତାଙ୍କର ସ୍ୱବୈଶିଷ୍ଟ୍ୟରେ ସେତେବେଳେ ତାହା ହୋଇଛି ଏକ ଅମାନବୀୟ ଅପୂର୍ବ ଅଭିବ୍ୟକ୍ତି। ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ - ସେ ସମୟରେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ, ସେହି ନିର୍ଜୀବ ପଲ୍ଲୀର ନିର୍ଜୀବ ଜନସାଧାରଣଙ୍କୁ ଅକୁଣ୍ଠ ଶ୍ରମ, ନିଷ୍ଠା ଓ କ୍ରମାଗତି ଭିତର ଦେଇ ତାଙ୍କର ଅପୂର୍ବ ସଙ୍ଗଠନ କୌଶଳ, ସେହି ଅଳ୍ପ ବୟସରେ ନୃତ୍ୟରେ, ଗୀତରେ, କୀର୍ତ୍ତନରେ, ଗୀତିନାଟ୍ୟ ଲେଖି, ଯାତ୍ରାଦଳ ପ୍ରସ୍ତୁତ କରି ସମସ୍ତଙ୍କୁ ପ୍ରୀତିପୂର୍ଣ୍ଣ ଭଲ ପାଇବା ବିତରଣରେ ସଂହତ କରି ତୋଳି ଧିରେ ଧିରେ ସୁସ୍ଥ ଓ ସ୍ୱସ୍ଥ ମାନବରେ ରୂପାନ୍ତରିତ କରିବା - ଏହା ତାଙ୍କର ଅଲୌକିକ ଓ ଅମାନବୀୟ ପ୍ରତିଭାର ନିଦର୍ଶନ। ତାଙ୍କର ଯୌବନର ଅପରୂପ ରୂପ ନେଇ ଭାବବିହ୍ୱଳ ଅବସ୍ଥାରେ, ଭଲପାଇବାର ତୀବ୍ର ଉନ୍ମାଦନାରେ, ତାଙ୍କର ଅନନୁକରଣୀୟ ମୋହନ ଭଙ୍ଗୀରେ ପ୍ରାଣର ଉଚ୍ଛଳ ପ୍ରାଚୁର୍ଯ୍ୟରେ କେତେବେଳେ ଦୁଇ-ବାହୁ ତୋଳି ପ୍ରେମାନନ୍ଦରେ ନାଚି-କୁଦି ସମସ୍ତଙ୍କୁ ଆପଣାଭୋଳା କରି ତୋଳୁଥିଲେ। କେତେବେଳେ ଅବା ଉତ୍ତାଳ ଭାବରେ ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ। ଗୋଟାଏ ଖୁବ୍ ହାଇଭୋଲଟ୍‌ର ବୈଦ୍ୟୁତିକ ଯନ୍ତ୍ରର ସାନ୍ନିଧ୍ୟରେ ତଡ଼ିତ୍‌ର ଯେ ତୀବ୍ର କ୍ଷେତ୍ର ରଚିତ ହୁଏ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଚତୁଃପାର୍ଶ୍ୱରେ ସେହି ସମୟରେ ଏପରି ଏକ ତୀବ୍ର ତଡ଼ିତ୍ କ୍ଷେତ୍ର ରଚିତ ହେଉଥିଲା - ଯେ କେହି ଆସୁ ନା କାହିଁକି ତାହା ସେ ପ୍ରାଣ ଦେଇ ଅନୁଭବ କରୁଥିଲା - ଏକ ଅନନୁଭୂତ ଶିହରଣରେ ତାହାର ଦେହମନ ପୁଲକିତ ହୋଇ ଉଠୁଥିଲା। ସେତେବେଳେ ବହୁ ଉଦ୍ଭଟ ଉଦ୍ଭଟ ଘଟଣା ସବୁ ମଧ୍ୟ ଘଟୁଥିଲା। କେତେବେଳେ କୀର୍ତ୍ତନ କରୁ କରୁ ସଦଳବଳେ ଯେତେବେଳେ ନୃତ୍ୟରେ ମତୁଆଲା ହୋଇ ଚାଲୁଥିଲେ, ସେତେବେଳେ ତାଙ୍କର ଦୁଇ ପାର୍ଶ୍ୱସ୍ଥ ବୃକ୍ଷଗୁଡ଼ିକ ଝୁଙ୍କି ଝୁଙ୍କି ପଡୁଥିଲା - କମ୍ପି କମ୍ପି ଉଠୁଥିଲା। ପୋକ ସବୁ ଆସି ଟସ୍ ଟସ୍ କରି କେଉଁ ଗଭୀର ଆକର୍ଷଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଦେହରେ ଲାଗି ରହୁଥିଲେ, - ମଣିଷ ତ ଦୂରର କଥା, ଗୋରୁ, କୁକୁର ପର୍ଯ୍ୟନ୍ତ ଆତ୍ମହରା ହୋଇ ଉନ୍ମାଦନାରେ ଦୌଡ଼ିଆସି ତାଙ୍କୁ ଘେରି ରହୁଥିଲେ।

ସେ ଯୁଗର ସବୁ କିଛି ଥିଲା ଅଦ୍‌ଭୁତ - ପ୍ରାଣର ସେ ଅମୃତ ଉଚ୍ଛ୍ୱାସ ଯିଏ ନ ଦେଖିଛି ତାକୁ ବୁଝାଇବା ଅସମ୍ଭବ। ଏହିପରି ଭାବାବେଶରେ କୀର୍ତ୍ତନ କରୁ କରୁ ସମୟ ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କର ଗୋଟାଏ ଅଦ୍‌ଭୁତ ଅବସ୍ଥା ହେଉଥିଲା। କୀର୍ତ୍ତନରେ ନାଚୁ ନାଚୁ ମଧ୍ୟେ ମଧ୍ୟେ ସେ ବାହ୍ୟଜ୍ଞାନଶୂନ୍ୟ ଅବସ୍ଥାରେ ମାଟିରେ ପଡ଼ି ଯାଉଥିଲେ - ସମସ୍ତ ଶରୀରଟି ଅବଶ ହୋଇ ପଡୁଥିଲା। ସେତେବେଳେ ତାଙ୍କର ସେହି ଦିବ୍ୟ ଶରୀର ବିଚିତ୍ର ଛନ୍ଦରେ ହଲଚଲ ହୋଇ ଉଠୁଥିଲା। ମଝିରେ ମଝିରେ ବହୁପ୍ରକାର ଆସନ ଓ ମୁଦ୍ରାଦି ହେଉଥାଏ। ସେ ଏକ ଅଦ୍‌ଭୁତ ରକମର, କେହି କେବେ କଳ୍ପନା ମଧ୍ୟ କରି ନପାରନ୍ତି। ଶରୀରରେ ହାଡ଼ ନଥିଲେ ଯେପରି ହୁଏ ସେହିପରି ହୁଏ। କେତେ ଭଙ୍ଗୀ ହିଁ ଯେ ହେଉଥିଲା ତାହାର କୌଣସି ଠିକଣା ନଥିଲା। କେବେ ବା କୁର୍ମାସନ, କେବେ ବା ପଦ୍ମାସନ, କେବେ କେବେ ବୀରାସନ ଓ ରାଜାସନ ଏହିପରି ଶତାଧିକ ଆସନ ଆପଣାଛାଏଁ ଅପୂର୍ବ କ୍ଷିପ୍ରତାରେ ହୋଇ ଯାଉଥିଲା - କେବେ ବା ପାଦର ବୃଦ୍ଧାଙ୍ଗୁଷ୍ଠି ଉପରେ କେବଳ ସମସ୍ତ ଶରୀର ଭାର କରି ଅପୂର୍ବ ଭଙ୍ଗିମାରେ ଶୂନ୍ୟରେ ଅବସ୍ଥାନ କରିଛି, କେବେ ବା କଚ୍ଛପ ପରି ହାତଗୋଡ଼ ସବୁ ଶରୀର ମଧ୍ୟରେ ପଶିଯାଇଛି। କେବେ ବା ଭାକୁଡ଼ ମାଛ ପରି ସମସ୍ତ ଶରୀରଟି ସ୍ଥଳ ଉପରେ ଡେଉଁଛି। ଲୋକେ ତାହା ଦେଖି ବିସ୍ମିତ, ଭୀତ, ସ୍ତମ୍ଭିତ ଓ ବ୍ୟଥିତ ହୋଇ ଉଠନ୍ତି। ଜୀବନରେ ଶ୍ରୀ ଶ୍ରୀ ଠାକୁର କଦାପି ନିଜେ କୌଣସି ଆସନ ବା ମୁଦ୍ରାଦିର ଅଭ୍ୟାସ ନକଲେ ମଧ୍ୟ ତାଙ୍କର ଶରୀରର ଉପରେ ଏପରି ଆସନ ଓ ମୁଦ୍ରାର ଢ଼େଉ ମଝିରେ ମଝିରେ ବହି ଯାଉଥିଲା - ଏହା ଆଜି ପର୍ଯ୍ୟନ୍ତ ଗୋଟାଏ ଦୁର୍ଭେଦ୍ୟ ବିସ୍ମୟ, ଅମୀମାଂସିତ ରହସ୍ୟ ହିଁ ରହିଗଲା। କେହି କହନ୍ତି ପ୍ରକୃତିରେ ସ୍ଥୂଳଦେହରେ ଚରମ ତତ୍ତ୍ୱର ଅବତରଣ ଯେତେବେଳେ ହୁଏ ସେତେବେଳେ ଏହିପରି ମଜ୍ଜାରେ ମଜ୍ଜାରେ ଗୋଟାଏ ଅପୂର୍ବ ଆଲୋଡ଼ନ ଚାଲୁଥାଏ। ଏହି ଅଭୂତପୂର୍ବ ମହାଭାବାବସ୍ଥାରେ ବିଶ୍ୱ ରହସ୍ୟର ଗଭୀରତତ୍ତ୍ୱପୂର୍ଣ୍ଣ ଅପୂର୍ବ ବାଣୀ ସମୂହ ତାଙ୍କର କଣ୍ଠରୁ ବାହାରି ଆସୁଥିଲା - ଏହି ମହାରହସ୍ୟମୟ ଘଟଣା କିପରି କରି ଯେ ସମ୍ଭବ ହେଉଥିଲା, ତାହା ବୁଦ୍ଧି-ରାଜ୍ୟରେ ଧରାଦିଏ ନାହିଁ - ବିଜ୍ଞାନ ଆଜି ମଧ୍ୟ ତାହା ବ୍ୟାଖ୍ୟା କରିପାରେ ନା। ଇତିହାସରେ ସମାଧି ବା ଭାବାବସ୍ଥାର କିଛି କିଛି ପରିଚୟ ଆମ୍ଭେମାନେ ପାଉ। ମହାପୁରୁଷମାନଙ୍କର ଜୀବନୀ ପୁଙ୍ଖାନୁପୁଙ୍ଖ ରୂପେ ଅନୁଧାବନ କଲେ, ଶ୍ରୀକୃଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ଦେବଙ୍କର ଯେ ନାନା ଭାବସମାଧି ମଧ୍ୟରୁ ତାହାର ବିବରଣୀ ଆମ୍ଭେମାନେ ପାଉ; କିନ୍ତୁ ସମ୍ପୂର୍ଣ୍ଣ ବହିଃଚେତନାଶୂନ୍ୟ, ହୃତ୍‌ସ୍ପନ୍ଦନ ବିହୀନ ଅବସ୍ଥାରେ ଏତେ ଗଭୀର ତତ୍ତ୍ୱପୂର୍ଣ୍ଣ କଥା ଅନର୍ଗଳ କହି ଚାଲିବା - ଏହା ଗୋଟିଏ ଏପରି ନୂତନ ଜିନିଷ, ଯାହାର ପରିଚୟ ମଣିଷ ଇତିହାସରେ କଦାପି ଲାଭ କରିନାହିଁ।

# ପାକିସ୍ତାନରେ ଉପୁଜିଥିବା ବନ୍ୟା ପରିସ୍ଥିତିର କାରଣ

**ଅସିତ ମହାନ୍ତି**

ନିକଟରେ ପାକିସ୍ତାନରେ ଉପୁଜିଥିବା ବନ୍ୟା ପରିସ୍ଥିତର ୩ଟି କାରଣ ସ୍ୱଷ୍ଟ ହୋଇ ଯାଇଛି ,ପାକିସ୍ତାନରେ ହୋଇଥିବା ବନ୍ୟା ପରିସ୍ଥିତି ବିଷୟରେ କେତେଗୁଡିଏ ବିନ୍ଦୁ ଆଲୋଚନା କରିବାର ଆବଶ୍ୟକତା ରହିଛି। ୧ - ଏଥିପାଇଁ କିଏ ଦାୟୀ ? ୨ - ପାକିସ୍ତାନ ଠାରୁ ଅନ୍ୟ ଦେଶମାନେ କ'ଣ ଶିକ୍ଷା ନେବା ଉଚିତ। ୩ - ପାକିସ୍ତାନରେ ଯାହା କିଛି ହେଉଛି ଏହା ବିଶ୍ୱ ପାଇଁ ଏକ ସତର୍କତାର ସୂଚନା। ସର୍ବପ୍ରଥମେ ପାକିସ୍ତାନ ବୁଡ଼ିଯିବାର କାରଣ ହେଉଛି ଜଳ, ଏବଂ ସ୍ଥିତିକୁ ଦେଖି ପାକିସ୍ତାନ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି। ଏହି ବନ୍ୟାରେ ୩୩ ନିୟୁତ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ୧୧୦୦ ଜଣ ପ୍ରାଣ ହରାଇଛନ୍ତି। ୬୬ ଟି ଜିଲ୍ଲା ଏହି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଛନ୍ତି। ୫୦୦୦ କିଲୋମିଟର ରାସ୍ତା ନଷ୍ଟ ହୋଇଯାଇଛି, ୧୦ ନିୟୁତ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ ୭ ଲକ୍ଷ ପଶୁଙ୍କର ମୃତ୍ୟୁ ହୋଇଛି। ସବୁଠାରୁ ଅଧିକ ପ୍ରଭାବିତ ସହର ହେଉଛି ସିନ୍ଧ ପ୍ରଦେଶ, ପ୍ରାୟ ୪ ଲକ୍ଷ ଲୋକ ରିଲିଫ୍ କ୍ୟାମ୍ପରେ ରହୁଛନ୍ତି। ଏହାକୁ ୨୦୧୦ ମସିହାରେ ପାକିସ୍ତାନରେ ଘଟିଥିବା ବନ୍ୟା ସହିତ ତୁଳନା କରାଯାଉଛି ଯେଉଁଥିରେ ୨୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏବଂ ଦେଶର ଏକ ପଞ୍ଚମାଂଶ ଭାଗ ଜଳ ଘେରରେ ଥିଲା, ବର୍ତ୍ତମାନ ବନ୍ୟାରେ ଏକ ତୃତୀୟାଂଶ ଭାଗ ଜଳ ଘେରରେ ଅଛି। ଏସବୁ କାହିଁକି ଘଟୁଛି ? ଯେଉଁମାନେ ପରିବେଶ ଉପରେ ନଜର ରଖନ୍ତି ସେମାନଙ୍କପାଇଁ ଏବିଷୟରେ ଚିନ୍ତା କରିବାର କିଛି ନାହିଁ। ଦୀର୍ଘକାଳୀନ ଗ୍ଲୋବାଲ ଜଳବାୟୁ ବିପଦ ସୂଚକାଙ୍କରେ ପାକିସ୍ତାନ ଅଷ୍ଟମ ସ୍ଥାନରେ ରହିଛି, ଅର୍ଥାତ୍ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ ପ୍ରଭାବିତ ହେବାକୁ ଥିବା ଦେଶ ପାକିସ୍ତାନ ଅଷ୍ଟମ ସ୍ଥାନରେ ରହିଛି। ଭାରତ ଶୀର୍ଷ ୨୦ରେ ଅଛି(ଭାରତ ମଧ୍ୟ ବିପଦରେ ରହିଛି) । ଏହି ବର୍ଷ କିଛି ମାସ ପୂର୍ବରୁ ୨୦୨୨ରେ ପାକିସ୍ତାନ ଭୟଙ୍କର ହିଟ୍ ୱେବ୍ ଏବଂ ମରୁଡି' ସ୍ଥିତି ଦେଇ ଗତି କରିଥିଲା। ସିନ୍ଧ ପ୍ରୋଭିନସର ଜାକୋବାବାଦ ରେ ତାପମାତ୍ରା ୫୧ ଡିଗ୍ରୀ ପର୍ଯ୍ୟନ୍ତ ଯାଇଥିଲା । ଠିକ ଏହି ପରିସ୍ଥିତି ପରେ ଏହି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଏହି କାରଣରୁ ଜାତୀୟ ଜରୁରୀକାଳୀନ ପରିସ୍ଥିତି ପାକିସ୍ତାନରେ ଘୋଷଣା କରାଯାଇଛି । ଫଳସ୍ୱରୂପ ସମୁଦାୟ କ୍ଷତି ୧୦ ବିଲିଅନ ଡଲାର ଏବଂ ଏହି କ୍ଷତିର ପୁନରୁଦ୍ଧାର ପାଇଁ ଜଣା ନାହିଁ କେତେ ସମୟ ଲାଗିବ । ଏହି କ୍ଷତିର ପୁନରୁଦ୍ଧାର କରୁ କରୁ ପୁଣି ଆଉ ଏକ ପ୍ରାକୃତିକ ବିପଦ ଆସିଯାଇପାରେ । ଜାତିସଂଘର ସେକ୍ରେଟେରୀ ଜେନେରାଲ କହିଛନ୍ତି, ପାକିସ୍ତାନ ବନ୍ୟା ଷ୍ଟେରଏଡ ଉପରେ ମୌସୁମୀ ଅଟେ। ଗୁଟେରସ୍ ଆହୁରି ଜୋର ଦେଇ କହିଛନ୍ତି ଯେ, ଦକ୍ଷିଣ ଏସିଆ ହେଉଛି ଜଳବାୟୁ ସଙ୍କଟର ହଟସ୍ପଟ୍ ଏବଂ ଅନ୍ୟ ଅଞ୍ଚଳ ଅପେକ୍ଷା ଏହା ଅଧିକ ପ୍ରବୃତ୍ତ । ଆମେ ଭାବୁଥିଲୁ ଅପରାଧ ଅଧିକ ହେଲେ ଲୋକ ପ୍ରାଣ ହରାଇବେ, କିନ୍ତୁ ଜାତିସଂଘର ଆକଳନ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ୧୫% ଅଧିକ ମୃତ୍ୟୁ ଘଟିବ। ତେଣୁ ସେ କୁହନ୍ତି, ''Let's stop sleep-walking towards the destruction of our planet by climate change."। ଆଜି ଏହା ପାକିସ୍ତାନ। ଆସନ୍ତାକାଲି ଏହା ଆପଣଙ୍କ ଦେଶରେ ମଧ୍ୟ ହୋଇପାରେ। ବର୍ତ୍ତମାନ ପାକିସ୍ତାନ କହୁଛି ଯେ ବିପର୍ଯ୍ୟୟ ସେମାନଙ୍କ ସୃଷ୍ଟି ନୁହେଁ ବିଶ୍ୱ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନର ସେମାନେ କେବଳ ୧% ନିର୍ଗମନ କରନ୍ତି । ବଡ ରାଷ୍ଟ୍ରଗୁଡିକ ବହୁ ଅଧିକ ନିର୍ଗମନ ସୃଷ୍ଟି କରନ୍ତି ଯାହା ପାକିସ୍ଥାନ ପରି ଛୋଟ ଦେଶ ଉପରେ ପ୍ରଭାବ ପକାଇଥାଏ । ପାକିସ୍ତାନ ଠିକ୍ କହୁଛି କି ? କିମ୍ବା ପାକର କିଛି ଅଂଶରେ ମଧ୍ୟ କିଛି ଭୁଲ ଥିଲା । ସର୍ବପ୍ରଥମେ ଆମକୁ ଗ୍ଲୋବାଲ୍ ଫ୍ୟାକ୍ଟର୍ ଦେଖିବାକୁ ପଡିବ: ଜଳବାୟୁ ପରିବର୍ତ୍ତନ ବନ୍ୟା ପରିସ୍ଥିତିରେ ଏକ ଭୂମିକା ଗ୍ରହଣ କରିଛି। ଏଥିରେ କୌଣସି ସନ୍ଦେହ ନାହିଁ। ଦ୍ୟୋଗିକ ଯୁଗ ଆରମ୍ଭ ହେବ ଦିନରୁ ବିଶ୍ୱରେ ୧.୨ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇଛି । ତାହା ହିଁ ଗ୍ଲାସିଆଲ୍ ତରଳିବାର କାରଣରୁ ହୋଇଥାଏ । ପାକିସ୍ତାନରେ ୭୦୦୦ ଗ୍ଲେସିୟର ଅଛି - ଦୁନିଆରେ ସର୍ବାଧିକ ଗ୍ଲେସିୟର ଏହି ଦେଶରେ ଅଛି ଏବଂ ଏହା ତରଳିବା କାରଣରୁ ବନ୍ୟା ପରିସ୍ଥିତି ଦେଖାଦେଇଛି । ତେଣୁ ପାକିସ୍ତାନ ଏହି ପରିମାଣର ଅଧିକ ବନ୍ୟା ପରିସ୍ଥିତି ଆଗକୁ ଦେଖିବା। କାହିଁକି ? କାରଣ ଜଳବାୟୁ ପରିବର୍ତ୍ତନ ଗ୍ଲାସିଆଲ୍ ତରଳିବାକୁ ତ୍ୱରାନ୍ୱିତ କରିଛି ଏବଂ ଫ୍ରିଜ୍ ପାଇଁ ପର୍ଯ୍ୟାପ୍ତ ସମୟ ଦେଉନାହିଁ । ସେଥିପାଇଁ ଆସନ୍ତା ବର୍ଷରେ ଏହି ପ୍ରକାର ବନ୍ୟା ପରିସ୍ଥିତି ପାକିସ୍ତାନକୁ ଅଧିକ ପ୍ରଭାବିତ କରିବ। ଏହି ଚକ୍ର ଆରମ୍ଭ ହୋଇସାରିଛି ଏବଂ ଏହା ବନ୍ଦ ହେବ ନାହିଁ । ପ୍ୟାରିସ ଚୁକ୍ତିନାମା ଅନୁଯାୟୀ ଯଦି ଆମେ ତାପମାତ୍ରାରେ ପରିବର୍ତ୍ତନକୁ ମାତ୍ର ୧.୫ ଡିଗ୍ରୀ ମଧ୍ୟରେ ସୀମିତ କରିଥାଉ (ଏହା ଅସମ୍ଭବ) - ଏହା ଏକ ଅତ୍ୟଧିକ ଉଚ୍ଚାଭିଳାଷୀ ଏବଂ ଅସମ୍ଭବ ଲକ୍ଷ୍ୟ। ଏପରିକି ଗ୍ଲାସିଆଲ୍ ତରଳିବା ବନ୍ଦ କରିବା ପାଇଁ ତାହା ଯଥେଷ୍ଟ ହେବ ନାହିଁ । ପାକ୍ କହିଛି , ଧନୀ ଦେଶମାନେ ପରିବେଶ କ୍ଷତି ଦ୍ୱାରା ପ୍ରଭାବିତ ଗରିବ ଦେଶମାନଙ୍କୁ ସାହାଯ୍ୟ କରିବା ପାଇଁ ୧୦୦ ବିଲିଅନ୍ ଡଲାର ପ୍ରତିଶ୍ରୁତି ଦେଇଥିଲେ ଏବଂ ସେହି ସହାୟତା ପାଇଁ ପାକିସ୍ତାନ ଦାବି କରିଛି। ୟୁନାଇଟେଡ଼ କିଙ୍ଗଡମ ଲାଇଫ୍ ସପୋର୍ଟ ପ୍ୟାକେଜ୍ ରଉଡଙ ଆରମ୍ଭ କରିଛି ଏବଂ ୟୁକେ ସହାୟତା ୧୫ ମିଲିୟନ୍ ପାଉଣ୍ଡ ଜରୁରୀକାଳୀନ ସହାୟତା ପାକିସ୍ତାନକୁ ଦେଇଛି । ବର୍ତ୍ତମାନ ଦେଖିବା ଯେ ପାକିସ୍ତାନର କ'ଣ ଭୁଲ ରହିଛି ? ପାକ୍ ପାଇଁ ଅନ୍ୟ ଦୁଇଟି କ୍ଷେତ୍ର ଅଛି ଯାହା ତାପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ଗୋଟିଏ ହେଉଛି, ଋଣ ତଳେ ବୁଡ଼ିଯିବା ଏବଂ ଅନ୍ୟଟି ପାଣି ତଳେ ବୁଡ଼ିଯିବା। ବାହ୍ୟ ତଥା ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜ ଦ୍ୱାରା ପାକିସ୍ତାନ ଅର୍ଥନୀତି ପ୍ରଭାବିତ ହୋଇଛି। ଆଇଏମ୍ଏଫ୍ ୧ ବିଲିୟନ ଡଲାରର ପାଣ୍ଠିକୁ ଅନୁମୋଦନ କରିଛି। ଯଦି ଅନୁମୋଦନ ନହୁଏ ତେବେ ପାକିସ୍ତାନ ଋଣ ଉପରେ ଡିଫଲ୍ଟ ହେବ ଏବଂ ଶ୍ରୀଲଙ୍କା ପରି ସଙ୍କଟର ସମ୍ମୁଖୀନ ହେବ। ଆଇଏମ୍ଏଫ୍ ଅନୁଯାୟୀ ପାକିସ୍ତାନ ଆର୍ଥିକ ସଙ୍କଟର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି । ସେବା ଏବଂ ଦ୍ରବ୍ୟରେ ବ୍ୟାଘାତ, କ୍ରମାଗତ ମୂଲ୍ୟ ବୃଦ୍ଧି ତା'ର ଅର୍ଥନୀତିକୁ ଧ୍ୱଂଶ କରିଦେଇଛି। ଯଦି ଆମେ ମୂଲ୍ୟ ସୂଚକାଙ୍କ ବିଷୟରେ କହିବା, ସମ୍ବେଦନଶୀଳ ମୂଲ୍ୟ ସୂଚକାଙ୍କ ୪୪.୫୮% ରେକର୍ଡରେ ଅଧିକ । ତେଣୁ ସ୍କାଇ ରକେଟିଙ୍ଗ ମୁଦ୍ରାସ୍ଫୀତି ଚାଲିଛି । ପାକିସ୍ତାନରେ ଇତିହାସରେ ସମ୍ବେଦନଶୀଳ ମୂଲ୍ୟ ସୂଚକାଙ୍କ ସର୍ବାଧିକ ଏବଂ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ବହୁ ଉଚ୍ଚ ଅଟେ । ତେଲ, ପନିପରିବା, ଶସ୍ୟ ପରି ଦୈନିକ ବ୍ୟବହାର ଜିନିଷ - ସବୁକିଛି ମହଙ୍ଗା ହୋଇଛି - ଅତ୍ୟଧିକ ଉଚ୍ଚ ମୁଦ୍ରାସ୍ଫୀତି ଚାଲିଛି । ସେଥିପାଇଁ ଶ୍ରୀଲଙ୍କା ଭଳି ସଙ୍କଟ ପାକିସ୍ତାନରେ ହୋଇପାରେ । ୫୦୦ ଟଙ୍କା ପ୍ରତି କିଲୋଗ୍ରାମରେ କିଛି ପନିପରିବା ସେଠାରେ ବିକ୍ରି ହେଉଛି(ପାକ୍ ଅନ୍ୟମାନଙ୍କଠାରୁ ଆମଦାନୀ କରିବାକୁ ପଡିବ, ଭାରତରୁ ପିଆଜ ଆମଦାନୀ କରିପାରନ୍ତି, କିନ୍ତୁ ତଥାପି ଅନିଚ୍ଛା ଅଛି) । ପାକିସ୍ତାନର ଫୋରକ୍ସ ଭଣ୍ଡାର ୮.୨୪ ବିଲିୟନ ଡ଼ଲାରକୁ ଖସି ଆସିଛି, ଯେଉଁଠାରେ ପାକିସ୍ତାନ ଉପରେ ଋଣ ୨୫୦ ବିଲିୟନ ଡ଼ଲାରରୁ ଅଧିକ ଅଟେ । ଏହି ବିପୁଳ ପରିମାଣର ପାକିସ୍ତାନ କିପରି ଫେରସ୍ତ କରିବ ? ଅର୍ଥାତ୍ ଋଣ ପରିଶୋଧ କରିବାକୁ ୬୦ ଟ୍ରିଲିୟନ୍ ପାକିସ୍ତାନୀ ଟଙ୍କା ଆବଶ୍ୟକ । ପାକ୍ ଏଫଏମ୍ ପୂର୍ବରୁ ପାକ୍ ଲୋକଙ୍କୁ ସ୍ପଷ୍ଟ ଚେତାବନୀ ଦେଇ ସାରିଛନ୍ତି ଯେ 'ଖରାପ ଦିନ ଆଗକୁ ଆସୁଛି । ବିଦେଶୀ ଭଣ୍ଡାର ସଂରକ୍ଷଣ ପାଇଁ ଆମଦାନୀକୁ ରୋକିବା ପାଇଁ ପାକର ଅର୍ଥମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ବିଳାସପୂର୍ଣ୍ଣ ସାମଗ୍ରୀ ଆମଦାନୀ ନିଷେଧକୁ ମଧ୍ୟ ହଟାଇ ଦିଆଯାଇଛି କିନ୍ତୁ ତିନି ଗୁଣ ଅଧିକ ପଇସା ଲାଗୁ କରାଯିବ। ଏପରିକି ପାକିସ୍ତାନର ଏକ ମନ୍ତ୍ରୀ ଲୋକମାନଙ୍କୁ କହିଛନ୍ତି ଯେ, ଲୋକମାନେ ଯଦି ଦିୱାନ ୩ କପ ଚା' ପିଉଛନ୍ତି ତେବେ ତାକୁ କମ କରି ଏକ କପା କରନ୍ତୁ । କାରଣ ଆମେ ଯେଉଁ ଚା' ପିଉଛନ୍ତି ତାହା ବାହାରୁ ଆମଦାନୀ କରାଯାଉଛି । ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ମଧ୍ୟ ଅତ୍ୟନ୍ତ ରୋଷ ଅଛି । ଶେଷଟି ହେଉଛି ରାଜନୈତିକ ଶ୍ରେଣୀକୁ ଦାୟୀ କରିବାକୁ ପଡିବ - ପାକିସ୍ତାନ ବୁଡ଼ିଯିବାର ତୃତୀୟ କାରଣ ? ଧର୍ମ ଏବଂ ଷଡଯନ୍ତ୍ର ଦ୍ୱାରା ପ୍ରେରିତ ଚରମ ରାଜନୀତି ଏହି ପରିସ୍ଥିତିକୁ ଜନ୍ମଦେଇଛି। ଅତୀତର କିଛି ଘଟଣା ଦର୍ଶାଉଛି ଯେ, ରାଜନୈତିକ ସଙ୍କଟ ମଧ୍ୟରେ ପାକିସ୍ତାନ ବୁଡ଼ି ଯାଉଛି। ମାର୍ଚ୍ଚରେ - ଇମ୍ରାନ ଖାନଙ୍କ ବିରୋଧରେ ନୋ କଂଫିଡେନ୍ସ ପ୍ରସ୍ତାବ ପାରିତ ହେଲା । ତା'ପରେ ବଡ଼ ରାଲିଗୁଡିକ ଦୃଶ୍ୟମାନ ହେଲା ଏବଂ ପରିଶେଷରେ ପ୍ରକାରଣ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଲା । ଏପ୍ରିଲରେ ଇମ୍ରାନ ଖାନ ସରକାର ବହିଷ୍କୃତ ହୋଇଥିଲେ ଏବଂ ନୂତନ ସରକାର ଗଠନ କରାଯାଇଥିଲା।କିନ୍ତୁ ଏହା ପରେ କ'ଣ ହେଲା ? ବିରୋଧୀ ଇମ୍ରାନ ଖାନଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ହଟାଇବାକୁ ଚାହୁଁଥିଲେ, ଏବଂ ତାଙ୍କୁ ହଟାଇ ଦିଗଲ । କିନ୍ତୁ ବିରୋଧୀ ମାନଙ୍କର ଯୋଜନା କ'ଣ ଥିଲା ? କିଛି ନୁହେଁ । ତେଣୁ, ଇମ୍ରାନ ଖାନ ତୁରନ୍ତ ଏହାକୁ ବିରୋଧ କରି ପୁନର୍ବାର ନିର୍ବାଚନ ଚାହୁଁଥିଲେ। ଜୁନ୍ ତାଜା ଅଭିଯୋଗରେ ଇମ୍ରାନ ଖାନଙ୍କ ପତ୍ନୀ ଏବଂ ବନ୍ଧୁ କାର୍ଯ୍ୟକାଳ ମଧ୍ୟରେ ବିଲିୟନ କମାଇ କରିଥିଲେ ବୋଲି କୁହାଯାଇଥିଲା। ଆରୋପ ପ୍ରତ୍ୟାରୋପ ଜାରି ରହିଲା ଏବଂ ସେହି ସମୟରେ ପାକ୍ ଜେନେରାଲ୍ ବାଜୱା କହିଲେ ଯେ ସେନା ଏଥିରେ ହସ୍ତକ୍ଷେପ କରିବ ନାହିଁ, କାରଣ ଏହା ଗଣତନ୍ତ୍ର ପାଇଁ ଖରାପ ହେବ। ବର୍ତ୍ତମାନ ଗଣତନ୍ତ୍ର ସେଠାରେ ଅଛି, କିନ୍ତୁ ଅତ୍ୟନ୍ତ ଅସ୍ଥିର.. ଇମ୍ରାନ ଖାନ ସରକାରଙ୍କ ଉପରେ ଅଭିଯୋଗ ଜାରି ରଖିଛନ୍ତି। ପ୍ରାକୃତିକ ସଙ୍କଟ ମଧ୍ୟରେ ରାଜନୈତିକ ସଙ୍କଟ ବନ୍ଦ ହେଉନାହିଁ। ଏହିପରି ବ୍ଲେମ୍ ଗେମ ଜାରି ରହିଛି, କିନ୍ତୁ ଲୋକମାନେ ଯନ୍ତ୍ରଣା ଭୋଗୁଛନ୍ତି । ଭାରତ ଏବଂ ଏସିଆ ଏଠାରୁ କ'ଣ ଶିଖିବେ ? ଏକ ଛୋଟ କାହାଣୀ - ପ୍ରତ୍ୟେକ ଗ୍ରୀଷ୍ମ ସମୟରେ ଭାରତୀୟ ବୈଜ୍ଞାନିକମାନେ ହିମାଚଳ ପ୍ରଦେଶର ଏକ ଗ୍ଲେସିୟର୍ ଉପରକୁ ଚଢନ୍ତି ଯେଉଁଠାରେ ଏକ ଛୋଟ ଗ୍ଲେସିୟର୍ ଅଛି । ସେମାନେ ଗ୍ଲେସିୟରର ତାପମାତ୍ରା, ଏହାର ଗଠନ ଏବଂ ଅବସ୍ଥା ଅଧ୍ୟୟନ କରନ୍ତି। ଏହି ବର୍ଷ ହିମାଚଳ ପ୍ରଦେଶରେ ଗ୍ଲେସିୟର ଅତ୍ୟଧିକ ତରଳି ଯାଇଛି, ଏତେ ତରଳିଯାଇଛି ସେମାନଙ୍କର ରେକର୍ଡିଂ ଉପକରଣ ବୁଡ଼ିଗଲା ଏବଂ ପୁନରୁଦ୍ଧାର ହୋଇପାରିଲା ନାହିଁ । ତେଣୁ ସମଗ୍ର ଦକ୍ଷିଣ ପୂର୍ବ ଏସିଆ ପ୍ରଭାବିତ ହେବ । ବିଶ୍ୱ ବ୍ୟାଙ୍କର ଏକ ଅଧ୍ୟୟନ ଅନୁଯାୟୀ ୨୦୫୦ ସୁଦ୍ଧା ଦକ୍ଷିଣ ଏସିଆର ୧.୫ ରୁ ୧.୭ ବିଲିୟନ ଲୋକ ଜଳ ଯୋଗାଣ ହ୍ରାସ ପାଇବାରେ ଅସୁରକ୍ଷିତ ହୋଇପାରନ୍ତି। ପ୍ରଥମେ ଆସିବ ବନ୍ୟା ପରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ । ପାକରେ ଦେଖାଯାଇଥିବା ଏହି ପରିବର୍ତ୍ତନ ସମଗ୍ର ଦକ୍ଷିଣ ପୂର୍ବ ଏସିଆରେ ପୁନରାବୃତ୍ତି ହୋଇପାରେ । ଅର୍ଥନୀତିକୁ ମଜବୁତ କରିବାକୁ ପଡିବ, ସେହି ସମୟରେ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ପ୍ରଶାସନକୁ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ ପଡିବ ।

# ପାର୍କିଂରୁ ମାଲିକ ସହ ସ୍କୁଟରକୁ ଉଠାଇନେଲା କ୍ରେନ୍



ଦେଶର ଅନେକ ସହରରେ ଗାଡି ପାର୍କିଂ ଏକ ବଡ ସମସ୍ୟା। ଅନେକ ଥର ଲୋମାନେ ନିଜ ଗାଡି ବା ବାଇକକୁ ପାର୍କ କରିବା ପାଇଁ ସଠିକ୍ ସ୍ଥାନ ପାଇନଥାନ୍ତି। ଏଭଳି କ୍ଷେତ୍ରରେ ଅନେକ ଲୋକ ନିଜ ଗାଡିକୁ ରାସ୍ତା କଡରେ ପାର୍କ୍ କରିଦିଅନ୍ତି। କିନ୍ତୁ ନୋ ପାର୍କିଂରେ ଥିବା ଯୋଗୁଁ ପୋଲିସ ତାଙ୍କ ଗାଡିକୁ ଉଠାଇ ନେଇଥାଏ। ନିକଟରେ ଏମିତି ଏକ ମାମଲା ସାମ୍ନାକୁ ଆସିଛି ଯେତେବେଳେ ଏକ ସ୍କୁଟରକୁ ନୋ ପାର୍କିଂ ଜୋନରୁ ଉଠାଇଥିବା ପୋଲିସ ଗାଡିର ମାଲିକକୁ ମଧ ନେଇଯାଇଛି। ଏହି ଘଟଣାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ନାଗପୁରର ବୋଲି କୁହାଯାଉଛି। ଟ୍ରାଫିକ୍ ପୋଲିସ କ୍ରେନ୍ ଜରିଆରେ ଏକ ସ୍କୁଟରକୁ ନୋ-ପାର୍କିଂ ଜୋନରୁ ଉଠାଉଛି। ତେବେ ମଜା କଥା ହେଉଛି ଏହି ସ୍କୁଟର ଉପରେ ସେହି ସମୟରେ ସ୍କୁଟର ଚାଳକ ମଧ ବସିଛନ୍ତି। ସୂଚନା ଅନୁସାରେ ଏହି ସ୍କୁଟର ନାଗପୁରର ଏକ ବଜାରରେ ନୋ ପାର୍କିଂ ଜୋନରେ ପାର୍କ ହୋଇଥିଲା। ଯେତେବେଳେ ପୋଲିସ ଏହି ସ୍କୁଟର ଉଠାଇବାକୁ ଆସିଲା ସେତେବେଳେ ସ୍କୁଟର ମାଲିକ ଗାଡି ଉପରେ ବସିପଡିଲେ। ତେଣୁ ଗାଡି ସହିତ ମାଲିକକୁ ମଧ କ୍ରେନ୍ ଜରିଆରେ ଉଠାଇନେଲା ପୋଲିସ। ଏହି ଦୃଶ୍ୟ ଦେଖି ସେଠାରେ ଲୋକ ଭିଡ ଜମାଇଲେ। ତେବେ କେହି ଜଣେ ଏହି ଦୃଶ୍ୟକୁ କ୍ୟାମେରାରେ କଏଦ କରି ସୋସିଆଲ ମିଡିଆରେ ପୋଷ୍ଟ କରିଦେଲା। ଏହାକୁ ଏପର୍ଯ୍ୟନ୍ତ ୮୦ ହଜାରରୁ ଅଧିକ ଲୋକ ଦେଖିସାରିଲେଣି।

# ‘କିସି କା ଭାଇ, କିସି କି ଜାନ୍’ରେ ସଲମାନଙ୍କ ସହ ସେ ସ୍କ୍ରିନ୍ ସେୟାର କରିବେ ଶେହନାଜ୍



ଗୋଟିଏ ନୁହେଁ, ଦୁଇ ଦୁଇଟି ବିଗ୍-ଟିକେଟ୍ ବଲିଉଡ୍ ଫିଲ୍ମରେ ନଜର ଆସିବେ ‘ବିଗ୍ ବସ୍-୧୩’ ଫେମ୍ ଶେହନାଜ୍ ଗିଲ୍। ଫିଲ୍ମ ‘କିସି କା ଭାଇ, କିସି କି ଜାନ୍’ରେ ସଲମାନ ଖାନ୍‌ଙ୍କ ସହ ସେ ପ୍ରଥମ ଥର ସ୍କ୍ରିନ୍ ସେୟାର କରିବେ। ଆଉ ଏକ ପ୍ରୋଜେକ୍ଟରେ ଜନ୍ ଆବ୍ରାହମ୍, ରିତେଶ ଦେଶମୁଖ ଓ ନୋରା ଫତେହିଙ୍କ ସହ ତାଙ୍କୁ ଦେଖିବାକୁ ପାଇବେ ସିନେପ୍ରେମୀ। ନିକଟରେ ମୁମ୍ବାଇରେ ଆୟୋଜିତ ଫିଲ୍ମଫେୟାର ଆୱାର୍ଡସରେ ରେଡ୍ କାର୍ପେଟ୍‌ରେ ନଜର ଆସିଥିଲେ ଶେହନାଜ୍। ଏ ଅବସରରେ ଏକ ଗଣମାଧ୍ୟମକୁ ସେ କହିଥିଲେ, ପୂର୍ବରୁ ଲୋକେ ତାଙ୍କର ମଜା ଉଡ଼ାଉଥିଲେ। ଏବେ ତାଙ୍କ କାମକୁ ପ୍ରଶଂସା କରୁଛନ୍ତି। ସମୟ ପରିବର୍ତ୍ତନ ହୁଏ। ସମସ୍ତେ ନିଜର ଭାଗ୍ୟ ନେଇ ଆସିଥାନ୍ତି ଏବଂ ସେମାନଙ୍କ ହିସାବରେ ସମୟ ବଦଳିଯାଏ। ତେଣୁ କାହା ଉପରେ କଦାପି ଟିପ୍ପଣୀ ଦିଅନାହିଁ କିମ୍ବା ସେମାନଙ୍କ ବିଷୟରେ ନକାରାତ୍ମକ କମେଣ୍ଟ ଦିଅନାହିଁ। ଏହା ତୁମ ଉପରକୁ ଫେରିପାରେ।’ ଖୁବ୍‌ଶୀଘ୍ର ବଲିଉଡ୍‌ରେ ପାଦ ଥାପିବା ବିଷୟରେ ଶେହନାଜ୍ କହିଛନ୍ତି ‘ଏବେ ମୁଁ ଏହି ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଛି ଏବଂ ଏଠାରେ ରହିବାକୁ ଚାହୁଁଛି। ମୋ ମତରେ, ବ୍ୟକ୍ତି ସର୍ବଦା ପ୍ରାକୃତିକ ରହିବା ଉଚିତ। ଯଦି ତୁମେ ପ୍ରାକୃତିକ ଓ ନିଷ୍ଠାବାନ ରହିବ, ଲୋକେ ତୁମ ସହ କାମ କରିବେ। ୨ଟି ଅପ୍‌କମିଙ୍ଗ ଫିଲ୍ମ ବିଷୟରେ ସେ କହିଛନ୍ତି ‘ସଲମାନ ଖାନ୍ ଜଣେ ବଡ଼ ଷ୍ଟାର। ସେ ମୋତେ ଏହି ସୁଯୋଗ ଦେଇଛନ୍ତି। ସେ ମୋ ପାଇଁ ଦ୍ୱାର ଖୋଲି ଦେଇଛନ୍ତି। ଅନ୍ୟ ଏକ ଫିଲ୍ମ ପାଇଁ ସାଜିଦ ଖାନ୍‌ଙ୍କୁ ଧନ୍ୟବାଦ। ଫିଲ୍ମରେ ମୁଁ ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରୁଛି।’ ଦୀର୍ଘ ସମୟ ଧରି ପଞ୍ଜାବ୍‌ର କ୍ୟାଟ୍ରିନା କୈଫ୍ ନାମରେ ପରିଚିତ ଥିବା ଶେହନାଜ୍ ଏହି ଟ୍ୟାଗ୍‌ଠୁ ସବୁଦିନ ପାଇଁ ଦୂରେଇ ରହିବାକୁ ଚାହାଁନ୍ତି। କାରଣ ଶେହନାଜ୍ ଗିଲ୍ ଭାବେ ନିଜର ପରିଚୟ ସେ ପାଇବାକୁ ଚାହୁଁଛନ୍ତି। କ୍ୟାଟ୍ରିନା କୈଫ୍‌ଙ୍କୁ ସେ ଖୁବ୍ ଭଲପାଆନ୍ତି। କିନ୍ତୁ ନିଜ ନାଁରେ ପରିଚିତି ପାଇବାକୁ ସେ ଚାହାନ୍ତି।

# ଡେଲିଭରୀ ବୟ ଖାଇଦେଲେ ଖାଦ୍ୟ




ଜଣେ ବ୍ୟକ୍ତି ଅନଲାଇନ୍ ଚିକେନ୍ ୱିଙ୍ଗ୍ସ ମଗାଇ ଥିଲେ। ଡେଲିଭରୀ ପରେ ଯେବେ ସେ ପ୍ୟାକେଟ୍ ଖୋଲିଲେ ସେ ଆଶ୍ଚର୍ଯ୍ୟ ହୋଇଗଲେ। ସେହି ପ୍ୟାକେଟ୍‌ରେ କେବଳ ଖାଇ ସାରିବା ପରେ ଚୋବା ଯାଇଥିବା ହାଡ଼ ରଖା ଯାଇଥିଲା। ଖାଦ୍ୟ କିଛି ନଥିଲା। ଏମିତି ଲାଗୁ ଥିଲା କି, ଏହାକୁ କିଏ ଖାଇ ପୁଣି ପ୍ୟାକ୍ କରି ଦେଇଛି। ବ୍ୟକ୍ତିଙ୍କୁ ପ୍ୟାକେଟ୍ ସହ ଏକ ଚିଠି ବି ମିଳିଥିଲା। ଚିଠିରେ କ୍ଷମା ପ୍ରାର୍ଥନା ପତ୍ରଟିଏ ଥିଲା। ଏହି ଚିଠି ଡେଲିଭରୀ ବୟ ଲେଖିଥିଲେ। ଚିଠିରେ ଲେଖା ଥିଲା – ମୁଁ ବହୁତ ଭୋକିଲା ଥିଲି, ଆଉ ପୂରା ଭାଙ୍ଗି ପଡ଼ିଥିଲି। ଏଥିପାଇଁ ଆପଣଙ୍କ ଅର୍ଡର ଖାଦ୍ୟ ଖାଇଦେଇଛି। ଏହା ଭାବିନେବେ ଯେ ମୋ ଖାଇବା ପାଇଁ ଆପଣ ଟଙ୍କା ଦେଇଛନ୍ତି। ମୁଁ ଏହି ଜବ୍‌କୁ ଏବେ ଛାଡ଼ିବାକୁ ଯାଉଛି। ଖାଦ୍ୟ ଅର୍ଡର କରିଥିବା ବ୍ୟକ୍ତି ଜଣଙ୍କ ଏହି ବିଷୟରେ ଟିକଟକ୍‌ରେ ଏକ ଭିଡ଼ିଓ ଜାରି କରି କହିଛନ୍ତି। ଭିଡ଼ିଓରେ ବ୍ୟକ୍ତି ଜଣଙ୍କ କହିଛନ୍ତି – ମୋତେ ଏବେ କଣ କରିବା ଉଚିତ କିଛି ବୁଝିପାରୁନି। ମୁଁ ଆଉ ଥରେ ଅର୍ଡର କରିବାକୁ ଯାଉଛି। ପରେ ଏହି ବ୍ୟକ୍ତି ନିଜେ କମେଣ୍ଟ କରି କହିଥିଲେ କି ସେ କମ୍ପାନୀର କଷ୍ଟମର କେୟାରକୁ ଫୋନ କରିଥିଲେ। ତାଙ୍କୁ ଏହି ଅର୍ଡର ଉପରେ ରିଫଣ୍ଡ ଓ କ୍ରେଡିଟ୍ ମିଳି ଯାଇଛି।

# ଡାଟା ସେଫ୍ଟି ପାଇଁ ବଡ଼ ବିପଦ ସାଜୁଛି ୟୁଏସ୍‌ବି



ନୂଆ ରିପୋର୍ଟରେ ସାମ୍ନାକୁ ଏକ ତଥ୍ୟ ଆସିଛି କି ଅଧାରୁ ଅଧିକ ସାଇବର ଥ୍ରେଟ୍ସ ଏଭଳି ଡିଜାଇନ୍ କରାଯାଇଛି ଯେଉଁଥିରେ ଖାସ୍ ରୂପେ ପ୍ରସ୍ତୁତ କରାଯାଇଥିବା ରିମୁଭେବଲ ମିଡିଆ ବ୍ୟବହାର କରାଯାଏ। ସାମ୍ନାକୁ ଆସିଛି କି ୨୦୨୧ ତୁଳନାରେ ଚଳିତ ବର୍ଷ ବିପଦର ଆଶଙ୍କା ବଢିଛି ଏବଂ ଇଣ୍ଡଷ୍ଟ୍ରିଜକୁ ଏହି ଦିଗରେ ଜରୁରି ପଦକ୍ଷେପ ଉଠାଇବା ଜରୁରି। ‘୨୦୨୨ ହନିୱେଲ ଇଣ୍ଡଷ୍ଟ୍ରିଜ୍ ସାଇବର ସିକ୍ୟୋରିଟି ୟୁଏସ୍‌ବି ଥ୍ରେଟ୍ ରିପୋର୍ଟ’ ଅନୁସାରେ ୟୁଏସ୍‌ବି ସହିତ ଜଡିତ ମାଲୱେୟାର ଏବଂ ବିପଦ ତୀବ୍ର ଗତିରେ ବଢୁଥିବା ଇଣ୍ଡଷ୍ଟ୍ରିର ଲୋକଙ୍କ ଚିନ୍ତା ବଢାଉଛି। ରିପୋର୍ଟରେ କୁହାଯାଇଛି କି ଚଳିତବର୍ଷ ୫୨% ସାଇବର ଆଶଙ୍କାରେ ଖାସ୍ ରୂପେ ଡିଜାଇନ୍ କରାଯାଇଥିବା ରିମୁଭେବଲ ମିଡିଆର ବ୍ୟବହାର କରାଯାଇଛି। ୨୦୨୧ରେ ଏହି ଆକଳନ ୩୨ ପ୍ରତିଶତ ଥିଲା ଏବଂ ଏବେ ଏହା ବୃଦ୍ଧି ପାଉଥିବା ନଜର ଆସୁଛି। ଚତୁର୍ଥ ବର୍ଷ ସେୟାର କରାଯାଇଥିବା ରିପୋର୍ଟରେ କରାଯାଇଥିବା ରିମୋଟ୍ ଆକ୍ସେସ ସହିତ ଜଡିତ କ୍ୟାପାସିଟି ବିଶିଷ୍ଟ ଥ୍ରେଟ୍ସ ପ୍ରାୟ ୫୧ ପ୍ରତିଶତ ମାମଲାରେ ସାମ୍ନାକୁ ଆସିଛି। ସେହିଭଳି ଖାସ୍ ରୂପେ ଇଣ୍ଡଷ୍ଟ୍ରିଆଲ୍ କଣ୍ଟ୍ରୋଲ ସିଷ୍ଟମକୁ ଟାର୍ଗେଟ୍ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଥ୍ରେଟ୍ସର ସଂଖ୍ୟା ମଧ ଗତ କିଛି ବର୍ଷ ତୁଳନାରେ ବଢିଛି। ଏଭଳି କ୍ଷେତ୍ରରେ ଇଣ୍ଡଷ୍ଟ୍ରିଜ୍ ପାଇଁ ଅତିରିକ୍ତ ସୁରକ୍ଷାସ୍ତରକୁ ସେହି ସିଷ୍ଟମର ଅଂଶ ହେବା ଜରୁରି ହୋଇଯାଏ। ହନିୱେଲ କନେକ୍ଟେଡ୍ ଇଣ୍ଟରପ୍ରାଇଜ୍ ସାଇବର ସିକ୍ୟୁରିଟିଜର ଭାଇସ୍ ପ୍ରେସିଡେଣ୍ଟ ଏଣ୍ଡ ଜେନେରାଲ୍ ମ୍ୟାନେଜର ଜେଫ୍ ଜିଣ୍ଡଲ କୁହନ୍ତି କି ‘ବିରୋଧୀ ଜାଣିଶୁଣି ରିମୁଭେବଲ ମିଡିଆର ବ୍ୟବହାର ଆରମ୍ଭ ଆଟାକ୍ ପାଇଁ କରିଥାନ୍ତି। କାରଣ ଏହା ସାହାଯ୍ୟରେ ରିମୋର୍ଟ କନେକ୍ଟିଭିଟି, ଡାଟା ଚୋରି ଏବଂ ସିଷ୍ଟମକୁ କମାଣ୍ଡ ଦେବା ବା କଣ୍ଟ୍ରୋଲ କରିବା ଭଳି ଫାଇଦା ମିଳିଯାଏ।’ ସେ କହିଛନ୍ତି କି ‘ଏହା ସ୍ପଷ୍ଟ ହୋଇସାରିଛି କି ୟୁଏସବି ରିମୁଭେବଲ ମିଡିଆର ବ୍ୟବହାର ଇଣ୍ଡଷ୍ଟ୍ରିଜକୁ କ୍ଷତି କରିବା ପାଇଁ କରାଯାଉଛି।’ ତେଣୁ ସବୁବେଳେ ଜରୁରି କି ଭରସାଯୋଗ୍ୟ ରିମୁଭେବଲ ମିଡିଆ ବା ୟୁଏସବି ଡ୍ରାଇଭକୁ ହିଁ ସିଷ୍ଟମରେ କନେକ୍ଟ କରାଯାଉ। ଗତ ଦିନମାନଙ୍କରେ ୟୁଏସବି ଚାର୍ଜିଂ କେବଲ୍ସ ସାହାଯ୍ୟରେ ମଧ ଡାଟା ଚୋରି ଏବଂ ହ୍ୟାକିଂ ଭଳି ମାମଲା ସାମ୍ନାକୁ ଆସିସାରିଛି। ତେଣୁ ଅଜଣା ୟୁଏସବି ଡ୍ରାଇଭ୍ ବା କେବଲ୍ସ ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ।

# ସାଇକେଲକୁ ବେକରେ ନେଇ ଦୌଡ଼ିଲା ଷଣ୍ଢ



ଆପଣ ଜୀବଜନ୍ତୁଙ୍କୁ ସଡ଼କରେ ବୁଲିବାର ଓ ଉତ୍ପାତ କରିବାର ଦେଖିଥିବେ। ହେଲେ କେବେ କୌଣସି ପଶୁକୁ କିଛି ଜିନିଷ ଉଠାଇ ଦୌଡ଼ିବାର ଦେଖିନଥିବେ। ସୋସିଆଲ ମିଡ଼ିଆରେ ଭାଇରାଲ ହେଉଥିବା ଭିଡ଼ିଓରେ କିଛି ଏମିତି ଦେଖିବାକୁ ମିଳିଛି । ବହରାଇଚ୍‌ରେ ୩ଦିନ ପୂର୍ବେ ଏକ ଷଣ୍ଢକୁ ସଡ଼କରେ ଦେଖିବାକୁ ମିଳିଥିଲା। ଯାହାର ବେକରେ ଏକ ସାଇକେଲ ପଶି ରହିଥିଲା। ଷଣ୍ଢ ସାଇକେଲଟିକୁ ନେଇ ସଡ଼କରେ ଦୌଡୁଥିବାର ଦେଖିବାକୁ ମିଳୁଥିଲା। ଏହାକୁ ଲୋକେ ଭିଡ଼ିଓ କରି ଭାଇରାଲ କରିଥିଲେ। ଉକ୍ତ ମାମଲାଟି ବହରାଇଚ ଜିଲ୍ଲାର ଗ୍ରାମ ପଞ୍ଚାୟତ ଅଲିନଗରର ଅଟେ। ଏଠାରେ ରହୁଥିବା ବାବୁ ରାମ ଯାଦବ ପୁତ୍ର ଚେତରାମ ଦୁଇ ତିନ ଦିନ ପୂର୍ବେ ପଶୁଙ୍କର ଚାରା ସୁରକ୍ଷିତ ରଖିବା ପାଇଁ ତା ଉପରେ ନିଜର ସାଇକେଲ ରଖି ଦେଇଥିଲେ। ରାତିରେ ହଠାତ୍ ଏକ ଷଣ୍ଢ ସବୁଜ ଚାରା ଖାଇବାକୁ ପଶିଗଲା। ଚାରା ଦେଖି ଷଣ୍ଢ ସାଇକେଲର ମଝିରେ ନିଜର ମୁହଁ ପୂରାଇ ଖାଇବାକୁ ଲାଗିଲା। ଯେବେ ସେ ମୁଣ୍ଡ ବାହାର କଲା ତ ସାଇକେଲ ଫ୍ରେମ୍ ତାର ବେକରେ ଅଟକି ରହିଲା। ଏହାପରେ ଷଣ୍ଢ ତାକୁ ଧରି ଏପଟେ ସେପଟ ଦୌଡ଼ିବାକୁ ଲାଗିଲା। ଏହା ଦେଖି ଲୋକେ ଭିଡ଼ିଓ କରିଥିଲେ। ଏହି ଘଟଣାର ସୂଚନା ପାଇଁ ସ୍ଥାନୀୟ ଥାନାର ଦୁଇ ଜଣ ପୋଲିସ୍ ଆସି ଅନେକ ଚେଷ୍ଟା କରି ବି ଷଣ୍ଢର ବେକରୁ ସାଇକେଲକୁ ବାହାର କରିପାରି ନଥିଲେ।

# ବିପଜ୍ଜନକ ସ୍ଥିତିରେ ମହାକାଶ କେନ୍ଦ୍ର



ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ନେଇ ରୁଷ ଯାହା କହିଛି, ତାହା ବିଶ୍ୱବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ମହାକାଶ କେନ୍ଦ୍ର ସମ୍ପ୍ରତି ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି ଏବଂ ସେଠାରେ ଥିବା ଗବେଷକଙ୍କ ଜୀବନ ଅସୁରକ୍ଷିତ ବୋଲି ରୁଷ ମତ ଦେଇଛି। ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ସହିତ ଶତ୍ରୁତା ବୃଦ୍ଧିପାଇବା ପରେ ରୁଷ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରୁ ଓହରି ଯିବାକୁ ପ୍ରାୟ ମାସକ ତଳେ ଘୋଷଣା କରିଥିଲା। ଏବେ ରୁଷ ମହାକାଶ ସଂସ୍ଥା ରସ୍‌କସମସ୍ ମୁଖ୍ୟ ୟୁରି ବୋରିସୋଭ କହିଛନ୍ତି ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଏକାଧିକ ଉପକରଣ ଅଚଳ ହୋଇପଡ଼ିଛି ଏବଂ ଏହାର ଯନ୍ତ୍ରାଂଶ ବହୁ ପୁରାତନ ହେଲାଣି। ଫଳରେ ଏହି ଉଡନ୍ତା ଗବେଷଣା କେନ୍ଦ୍ରରେ ଥିବା ଗବେଷକ, ବୈଜ୍ଞାନିକଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ସୂଚନାଯୋଗ୍ୟ ଯେ ୟୁକ୍ରେନ ଯୁଦ୍ଧ ପରେ ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକ ରୁଷ୍ ? ବିରୋଧରେ ଏକାଧିକ କଟକଣା ଲଗାଇବା ପରେ ରୁଷ ତାହାର ନିଜସ୍ୱ ଏକ ଉଡନ୍ତା ମହାକାଶ କେନ୍ଦ୍ର ସ୍ଥାପନ ସକାଶେ ଘୋଷଣା କରିଥିଲା। ୨୦୨୪ ପରବର୍ତ୍ତୀ କୌଣସି ସମୟରେ ଏହା ନୂଆ ମହାକାଶ କେନ୍ଦ୍ର ସ୍ଥାପନ କରିବ। ତେବେ ତାହା ପୂର୍ବରୁ ବର୍ତ୍ତମାନ ମହାକାଶରେ ଥିବା ଗବେଷଣା କେନ୍ଦ୍ରରେ ଉଭୟ ରୁଷ ଓ ଆମେରିକୀୟଙ୍କ ସମେତ ଅନ୍ୟ ରାଷ୍ଟ୍ରର ବୈଜ୍ଞାନିକ ଓ ଗବେଷକ ରହି ଗବେଷଣା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ବୈଷୟିକ ଦୃଷ୍ଟିକୋଣରୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର (ଆଇଏସଏସ୍) ତାହାର ସମସ୍ତ ୱାରାଣ୍ଟି ଅବଧି ଟପିସାରିଛି। ଫଳରେ ଏହା ବିପଜ୍ଜନକ ପରିସ୍ଥିତିରେ ପହଞ୍ଚିଛି। ଏହାର ଏକାଧିକ ଯନ୍ତ୍ରାଂଶ ଅକାମି ହୋଇପଡ଼ିବା ସହିତ ମହାକାଶ କେନ୍ଦ୍ରରେ ଫାଟ ଦେଖିବାକୁ ମିଳିଛି। ରୁଷ ସେଠାରୁ ନିଜ ବୈଜ୍ଞାନିକ ଓ ଗବେଷକଙ୍କୁ ଫେରାଇ ଆଣି ନୂତନ ମହାକାଶ କେନ୍ଦ୍ରରେ ନିୟୋଜିତ କରିବ। ଏହି ନୂଆ ମହାକାଶ କେନ୍ଦ୍ର ପୃଥିବୀ ଉପରିସ୍ଥ କକ୍ଷପଥରେ ମେରୁ ଅଞ୍ଚଳକୁ ପ୍ରଦକ୍ଷିଣ କରିବ। ଫଳରେ ଏହା ମହାକାଶରୁ ହେଉଥିବା ବିକିରଣ ସମ୍ପର୍କିତ ତଥ୍ୟ ସଂଗ୍ରହ ସହିତ ରୁଷର ବିଶାଳ ଭୂଭାଗର ଅଧିକରୁ ଅଧିକ ଅଞ୍ଚଳ ଉପରେ ନଜର ରଖିପାରିବ। ଏହା ଚୀନ ସମେତ ରୁଷ୍‌ର ବନ୍ଧୁ ରାଷ୍ଟ୍ରଗୁଡିକ ନିମନ୍ତେ ଉନ୍ମୁକ୍ତ ରହିବ ବୋଲି ବୋରିସୋଭ କହିଛନ୍ତି। ଇତିମଧ୍ୟରେ ଚୀନ ତାହାର ନିଜସ୍ୱ ମହାକାଶ କେନ୍ଦ୍ର ନିର୍ମାଣ ପ୍ରକ୍ରିୟା ଜାରି ରଖିଛି ଏବଂ ଏହା ଆଗାମୀ କିଛିମାସ ମଧରେ ସମ୍ପୂର୍ଣ୍ଣ ହୋଇଯିବ।

# ବିକଶିତ ଗାଁ ବିକଶିତ ଓଡ଼ିଶା ଜାମଦାରେ ହେଲା ଶୁଭାରମ୍ଭ

ମୟୂରଭଞ୍ଜ ୬/୭(ନି.ପ୍ର): ରାଜ୍ୟରେ ବିଜେପି ସରକାର ଗଠନ ହେବାପରେ ତୃଣମୂଳ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବାବେଳେ ବୁଧବାର ସାରା ରାଜ୍ୟରେ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ।ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ପ୍ରାଙ୍ଗଣରେ ଜାମଦା ବିଡ଼ିଓ ଦେବାଶିଷ୍ ପଣ୍ଡା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଗାଁ ମାଟିରୁ ହିଁ ପ୍ରକୃତ ବିକାଶ ଆରମ୍ଭ। ଗାଁ ଉନ୍ନତି ହେଲେ ଦେଶର ବିକାଶରେ ଅଗ୍ରଗତି ହେବ ଏଭଳି ମତ ରଖିଛନ୍ତି ଉପସ୍ଥିତ ମଞ୍ଚାସୀନ ଅତିଥିବୃନ୍ଦ ।ବିଶେଷ କରି ମୌଳିକ ଭିତ୍ତିଭୂମିର ବିକାଶ, କ୍ଷୁଦ୍ର ପର୍ଯ୍ୟଟନ, କ୍ରୀଡ଼ା ଓ ଶିକ୍ଷା ଭିତ୍ତିଭୂମିର ଆଧୁନିକରଣ, ଅଭିନବ ବହୁମୁଖୀ ଜନ ମଙ୍ଗଳକାରୀ ଯୋଜନାକୁ ଏଥିରେ ସାମିଲ କରାଯାଇଛି । ଏହି ରାଜ୍ୟସ୍ତରୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ କାର୍ଯ୍ୟକ୍ରମକୁ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଉପସ୍ଥିତ ବ୍ୟକ୍ତିବିଶେଷ ଦେଖିବାର ବ୍ୟବସ୍ଥା ସୁଯୋଗ ପାଇଥିଲେ ।ଏହା ମାଧ୍ୟମରେ ଜାଣିବାକୁ ପାଇଛନ୍ତି ଯେ ଗାଁ ଗାଁ ରେ କଂକ୍ରିଟ, ପିଚୁ ରାସ୍ତା ତିଆରି ହେବ । ପେଭର ବ୍ଲକ ପଡ଼ିବ । ସେତୁ, କଲଭର୍ଟ ହେବ । କଲ୍ୟାଣ ମଣ୍ଡପ, ମାର୍କେଟ ସେଡ ହେବ । ଗାଁର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ଅର୍ଥ ଖର୍ଚ୍ଚ ହେବ । ଗାଁରେ କ୍ରୀଡା ଭିତ୍ତିଭୂମି ମଜଭୁତ ହେବ । ଗ୍ରାମାଞ୍ଚଳ ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ବିକାଶ କରାଯିବ । ପ୍ରତି ଯୋଜନା ସର୍ବନିମ୍ନ ୩ ଲକ୍ଷ ଟଙ୍କାରୁ ଆରମ୍ଭ ହେବ । ପୂର୍ବ ସରକାର ବେଳେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ହଜାର ହଜାର ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି । ତେଣୁ ଯେଉଁ ପ୍ରକଳ୍ପ ଗୁଡ଼ିକ ୨୦ ପ୍ରତିଶତ କାମ ହୋଇଥିବ, ସେଗୁଡିକୁ ମଧ୍ୟ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନରେ ସଂପୂର୍ଣ୍ଣ କରାଯିବ ।ଯଦି ଗ୍ରାମାଞ୍ଚଳରେ ବିକାଶ ହେବ ନାହିଁ, ତେବେ ରାଜ୍ୟର ବିକାଶ ଅସମ୍ଭବ । ତେଣୁ ଏହାକୁ ଆଧାର କରି ୨୦୩୬ରେ ସମୃଦ୍ଧ ଓଡ଼ିଶା ପରିକଳ୍ପନା ପାଇଁ ୫୩ ହଜାର ୮୪୫ ରାଜସ୍ୱ ଗାଁ ଗୁଡ଼ିକର ବିକାଶ କରାଯିବ । ଏହିସବୁ ଗ୍ରାମରେ ବିକାଶର ଗଙ୍ଗା ପ୍ରବାହିତ ହେବ । ଅର୍ଥନୀତି ଦ୍ରୁତ ଗତିରେ ଆଗକୁ ବଢିବ । ସ୍ୱାଧୀନତାର ୭୫ ବର୍ଷ ଭିତରେ ଅନେକ ସରକାର ଶାସନ କରିଛନ୍ତି । କିନ୍ତୁ ପ୍ରଥମ ୬୫ ବର୍ଷ ଯେମିତି ବିକାଶ ହେବ କଥା ହୋଇପାରିନାହିଁ । ପୂର୍ବ ସରକାର ମାନେ ବିକାଶ ପାଇଁ ଯେଉଁସବୁ ଯୋଜନା କରିଥିଲେ, ତାହା ଲୋକଙ୍କ ପାଖରେ ପହଞ୍ଚି ପାରିନଥିଲା । ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ସାରା ଦେଶରେ ବିକାଶ ଆଗକୁ ବଢ଼ି ଚାଲିଛି । ଗତ ୧୦ ବର୍ଷ ଭିତରେ ଘରେ ଘରେ ଶୌଚାଳୟ, ଏଲପିଜି ଗ୍ୟାସ୍ ଯୋଗାଇ ଦେଇଛନ୍ତି ମୋଦି ସରକାର । ଗାଁର ବିକାଶ ତ୍ୱରାନ୍ୱିତ ହୋଇଛି । ପ୍ରତି ଗାଁରେ ପକ୍କା ରାସ୍ତା ତିଆରି ହୋଇଛି ।



୬୫ ବର୍ଷ ଭିତରେ ଯାହା ହୋଇନଥିଲା, ତାହା ଗତ ୧୦ ବର୍ଷ ଭିତରେ ପ୍ରତି ଗାଁରେ ବିକାଶ ହୋଇ ପାରିଛି । ୨୦୧୬ ନୀତି ଆୟୋଗଙ୍କ ସହ ଆଲୋଚନା କଥା ମାନେ ପକାଇଲେ ମୁଖ୍ୟମନ୍ତ୍ରୀ । ପ୍ରଧାନମନ୍ତ୍ରୀ ସେହି ବୈଠକରେ ପରାମର୍ଶ ଦେଇଥିଲେ । ରୂପାନ୍ତରିତ ବିକାଶର ଯାତ୍ରା ଆରମ୍ଭ ହୋଇଥିଲା । ଆଗରୁ ରାସ୍ତା ତିଆରି ହେଉଥିଲା, ହେଲେ ଗୋଟିଏ ବର୍ଷା ହେଲେ ଧୋଇ ହୋଇଯାଉଥିଲା । ହେଲେ ସେ ଯୁଗ ବଦଳିଛି । ମୋଦି ସରକାର କଂକ୍ରିଟ ଓ ପିଚୁ ରାସ୍ତା ତିଆରି କରିଛନ୍ତି । ବିଜେପି ସରକାର ଯାହା କୁହେ, କରି ଦେଖାଏ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଗ୍ରାମାଞ୍ଚଳ ଲୋକ ମଧ୍ୟ ସହର ଭଳି ସୁଖ ସ୍ୱାଚ୍ଛନ୍ଦ୍ୟ ଯୋଗାଇବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ୨୪ ବର୍ଷର ସରକାର କେବଳ ସବୁବେଳେ ରାଜନୀତିକୁ ଆଗରେ ରଖି କାମ କରୁଥିଲେ । ୫ଟି ଚିନ୍ତାଧାରାରେ କାମ କରୁଥିଲେ । କେବଳ ୫ଟି ନାଁରେ ଭୋଟ୍ ବ୍ୟାଙ୍କ ତିଆରି କରିବା ସହ ରାଜନୀତି କରିବା ପାଇଁ ସାଢ଼େ ୪ କୋଟି ଲୋକଙ୍କୁ ଧୋକ୍କା ଦେଲେ । ନିର୍ବାଚନ ଆସିଲେ ନୂଆ ନୂଆ ଯୋଜନା ଆରମ୍ଭ କରୁଥିଲେ ପୂର୍ବ ସରକାର । ଆଉ ନିର୍ବାଚନ ସରିଗଲେ ଯୋଜନା ବନ୍ଦ କରିଦେଉଥିଲେ ।୨୦୨୪ ନିର୍ବାଚନ ପୂର୍ବରୁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଆଣିଥିଲେ । ହେଲେ ନିର୍ବାଚନ ପରେ ସେ ଯୋଜନାର ଫାଇଲ ମିଳୁନାହିଁ । କେଉଁ କାମ ପାଇଁ କେତେ ଟଙ୍କା ଯାଉଥିଲା, ତାହାର କିଛି ଆଦି ଅନ୍ତ ମିଳୁନାହିଁ । ଆମ ଓଡ଼ିଶା ନବୀନ ଓଡ଼ିଶା ନାଁରେ ଲୋକଙ୍କୁ ଭୁଆଁ ବୁଲାଇଲେ । ସେଥିପାଇଁ ଲୋକ ଆଜି ସେମାନଙ୍କୁ ସରକାରରୁ ହଟାଇ ବିରୋଧୀ ଦଳର ବସାଇଛନ୍ତି ।ଏବେ ନିର୍ବାଚନ ନାହିଁ । କିନ୍ତୁ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନିର୍ବାଚନକୁ ଆଖି ଆଗରେ ରଖି ଯୋଜନାରେ କରେ ନାହିଁ ବିଜେପି ସରକାର । ଲୋକଙ୍କ ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ରାଜ୍ୟ ସରକାର ।ଦୀର୍ଘ ବର୍ଷ ହେଲା ଲୋକ ପିଇବା ପାଣି ଟିକେ ପାଇନାହାନ୍ତି । ୬୫ ବର୍ଷ କଂଗ୍ରେସ ଶାସନ ଭିତରେ ଲୋକଙ୍କ ମୁଣ୍ଡ ଉପରେ ଛାତ ଘର ହୋଇନଥିଲା । ଓଡ଼ିଶାରେ ୨୪ ବର୍ଷର ସରକାର ଥିବା ପରେ ବି ଲୋକଙ୍କ ଦୁଃଖ ଦୂର ହେଲା ନାହିଁ । ଲୋକ ସରକାରଙ୍କୁ ଭେଟି ପାରିଲେ ନାହିଁ । ୧୬ ବର୍ଷ ଯାଏଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଆସିଲେ ନାହିଁ । ହେଲେ ବିଜେପି ସରକାରରେ ମୁଖ୍ୟମନ୍ତ୍ରୀ ଶପଥ ନେଲା ପରେ ଅଭିଯୋଗ ପ୍ରକୋଷ୍ଠ ପୁଣି ଖୋଲିଲା ଓ ମୁଖ୍ୟମନ୍ତ୍ରୀ ନିଜେ ରହି ଅଭିଯୋଗ ଶୁଣିଲେ ବୋଲି ଖୋଦ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ।ବ୍ଲକ ସ୍ତରୀୟ ଏହି କାର୍ଯ୍ୟକ୍ରମକୁ ଗଜେନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲା ବେଳେ ଏଇଇ ସନତ ରାଉତ,ପେସା ସଂଯୋଜିକା ଦୀପିକାରାଣୀ ପ୍ରଧାନ,ବ୍ଲକର ଯନ୍ତ୍ରୀ ସମୂହ,ବ୍ଲକ ର ସମସ୍ତ କର୍ମଚାରୀ,ସାମ୍ବାଦିକ ବନ୍ଧୁ,ସମସ୍ତ ସରପଞ୍ଚ,ଅଣସରପଞ୍ଚ,ପିଏସ୍ ମେମ୍ବର,ସମସ୍ତ ସିଆର୍ପି,ଏସ୍‌ଏସ୍ଜି ଗ୍ରୁପ୍ ର ମହିଳାମାନେ ଉପସ୍ଥିତ ଥିଲେ ।

## ବୁଗୁଡ଼ାରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ



ବୁଗୁଡା ୬/୭(ନି.ପ୍ର): ଫେବୃୟାରୀ ୫ ତାରିଖ ଦିନ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିଲେ। ରାଜ୍ୟ ସ୍ତରୀୟ ଏହି ଉଦ୍ ?ଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ବୁଗୁଡା ବ୍ଲକ୍ ପ୍ରଶାସନ ପକ୍ଷରୁ ଭିଡିଓ କନ୍ଫରେନ୍ସରେ ଜରିଆରେ ଦେଖିବାର ବ୍ୟବସ୍ଥା କରାଯାଇଥିଲା । ବୁଗୁଡା ପିପୁଲସ ହାଇ ସ୍କୁଲ ମିନି ଷ୍ଟାଡିୟମରେ ଆୟୋଜିତ 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମରେ ବହୁ ଜନପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିଜ ବକ୍ତବ୍ୟରେ ଗାଁ ଉନ୍ନତି ହେଲେ ରାଜ୍ୟ ଓ ଦେଶର ବିକାଶରେ ଅଗ୍ରଗତି ନେଇ ମତ ଉପସ୍ଥାପନ କରିଥିଲେ । ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ବାର୍ଷିକ ଏକ ହଜାର କୋଟି ହିସାବରେ ୫ ବର୍ଷରେ ୫ ହଜାର କୋଟି ଟଙ୍କା ଖର୍ଚ୍ଚ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଫେବ୍ରୁଆରି ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ପ୍ରସ୍ତୁତ କରି ପଠାଇବାକୁ ନିର୍ଦ୍ଦେଶ ଅଛି। ନୂଆ ମାର୍ଗଦର୍ଶିକା ମୁତାବକ ପ୍ରତି ପଞ୍ଚାୟତର ବିକାଶକୁ ତ୍ୱରାନ୍ୱିତ କରାଯିବ । ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ। ଏହି ଯୋଜନା ମାଧ୍ୟମରେ ଶିକ୍ଷା, କ୍ରିଡ଼ା, ଗମନାଗମନ, କ୍ଷୁଦ୍ର ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ସହ ସାଂସ୍କୃତିକ କେନ୍ଦ୍ର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଇତ୍ୟାଦି ନିର୍ମାଣ କରାଯିବ। ବୁଗୁଡା ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ସମେତ ବ୍ଲକ କନିଷ୍ଠ ଯନ୍ତ୍ରୀ, କର୍ମଚାରୀ ବୃନ୍ଦ, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

## ହରିଲାବେଡା ଅଧିବାସୀ ବସୁଧା ପାଣି ପାଇବେ କେବେ ?



ମୟୂରଭଞ୍ଜ ୬/୭(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ହରିଲାବେଡା ରେ ବସୁଧା ଯୋଜନା ପ୍ରକଳ୍ପ କାମ ଶେଷ ହୋଇଥିଲେ ସୁଦ୍ଧା ବିଦ୍ୟୁତି ସଂଯୋଗୀକରଣ ଅଭାବରୁ ଜନସାଧାରଣ ଜଳ ପାଇବା ନିମନ୍ତେ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି ।ଗ୍ରାମବାସୀଙ୍କ କହିବାନୁସାରେ ସପ୍ତାହରେ ଥରେ ଏଠାରେ ହାଟ ବସେ ।ଜାମଦା ବ୍ଲକର ବିଭିନ୍ନ ସ୍ଥାନରୁ ହାଟକୁ ଆସିଥାନ୍ତି ।ସହଜେ ଖରାଦିନ ଆସୁଛି ।ଏଠାରେ ଥିବା ନଳକୂପ ଉପରେ କେତେ ଲୋକ ନିର୍ଭର କରିପାରିବେ ତାହା ମନରେ ପ୍ରଶ୍ନବାଚୀ ଦେଖାଦେଇଛି ।ସାହି ସାହି କୁ ପାଇପ୍ ସଂଯୋଗ ସରିଛି ।ତେବେ ବିଭାଗୀୟ କର୍ତ୍ତୁପକ୍ଷ ସମସ୍ୟାକୁ ଆଖିରେ ରଖି ବିଦ୍ୟୁତ ସଂଯୋଗୀକରଣ କରିବାକୁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅବଗତ କରିଛନ୍ତି ।

# ଭୀମଭୋଇ ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମଙ୍କୁ ପ୍ରତାରଣା



ଗୁଣପୁର ୬/୭(ନି.ପ୍ର):ସରକାର ଘୋଷଣା କଲେ ଆଇ ଡି କ୍ରିଏଟ ନକଲେ ଭିନ୍ନକ୍ଷମଙ୍କୁ ଭତ୍ତା ମିଳିବ ନାହିଁ । ଗୁଣପୁର ବ୍ଲକ ପ୍ରଶାସନ ଆଉ ପାଦେ ଆଗେଇ ଯାଇ ଘୋଷଣା କଲେ ଭିନ୍ନକ୍ଷମଙ୍କ ସହାୟତା ପାଇଁ ଗୁଣପୁର ବ୍ଲକ ପରିସରରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯିବ । ଶିବିର ଆୟୋଜନ ମଧ୍ୟ ହେଲା । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଉପ ବିଭାଗ ରାୟଗଡ଼ ଆନୁକୁଲ୍ୟରେ ଗୁଣପୁର ବ୍ଲକ ପରିସରରେ ଶିବିରର ଆୟୋଜନ ବି ହେଲା । କିନ୍ତୁ ପରିତାପର ବିଷୟ ଭିନ୍ନକ୍ଷମ ମାନେ ସକାଳୁ ଆସି ଧାଡ଼ି ବାନ୍ଧି ଠିଆ ହୋଇଥିବା ବେଳେ ଦିନ ୧୧ଟା ପରେ ଡାକ୍ତର ବାବୁ ମାନେ ପହଞ୍ଚିଥିଲେ । ଶିବିର ଆରମ୍ଭରୁ ଅବ୍ୟବସ୍ଥା ଲାଗି ରହିଥିଲା । ଭିନ୍ନକ୍ଷମ ପ୍ରମାଣପତ୍ର ଦେବା ନାଁରେ ଭିନ୍ନକ୍ଷମ ମାନଙ୍କୁ ପ୍ରତାରିତ କରାଯାଉଥିବା ଦେଖିବାକୁ ମିଳିଥିଲା । ବିଶେଷ କରି ଯେତେବେଳେ ଜଣେ ମୁକ ଓ ବଧିର ଙ୍କୁ ଡାକ୍ତର ମ୍ୟାଡାମ କଥା କହିବାକୁ ବାଧ କରିବା ଓ ପରେ ତୁମେ ଆମକୁ ଚିକିତ୍ସାରେ ସହାୟତା କରୁନାହଁ ତେଣୁ ତୁମେ କୋରାପୁଟ ଯାଇ ତୁମର ପ୍ରମାଣପତ୍ର ଆଣ ବୋଲି ଲେଖିଦ୍ୱୋ କେତେ ଦୂର ଯୁକ୍ତିଯୁକ୍ତ ଆପଣମାନେ ବିଚାର କରିବେ । କରଞ୍ଜିଆସିଙ୍ଗ ଗ୍ରାମର ସେବତୀ ରାଇକା ଦିର୍ଘ ୨୦୦୮ ମସିହାରୁ ଆଜୀବନ ମୁକ ବଧିର ଭାବେ ୯୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ସରକାରଙ୍କ ପେନସନ ଯୋଜନାରେ ପେନସନ ପାଇ ଆସୁଛନ୍ତି । କିନ୍ତୁ ବର୍ତ୍ତମାନ ସେଭଳି ଆଜୀବନ ଭିନ୍ନକ୍ଷମଙ୍କୁ କଥାନକହିଲେ କୋରାପୁଟରୁ ରିପୋର୍ଟ ଆଣିବାକୁ ପଡ଼ିବ ବୋଲି ଡଃ ସଂଘମିତ୍ରା ପାତ୍ର ଲେଖି ଦେବା ପ୍ରଶାସନର ପାରିବା ପଣିଆକୁ ଦର୍ଶାଉଛି । ଏ ସମ୍ପର୍କରେ ଆମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ରଙ୍କୁ ପଚାରିବାରୁ ଡାକ୍ତର ଯାହା କହିବେ ତାହାହିଁ ଠିକ ବୋଲି ଉତ୍ତର ଦେଇଥିଲେ । ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲୁ କିନ୍ତୁ ସେ ଫୋନ୍ ରିସିଭ କଲେନାହିଁ । ଦୂରଦୂରାନ୍ତରୁ ଭିନ୍ନକ୍ଷମଙ୍କୁ ଡାକି ସେମାନଙ୍କୁ ଏପରି ପ୍ରତାରିତ କରିବା କେତେଦୂର ଠିକ୍ ଆପଣ ମାନେ ବିଚାର କରନ୍ତୁ । ବ୍ଲକ ଅଧକ୍ଷା ଝିଲ୍ଲୀ ଶ୍ୱରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିବା ଏବଂ ଏହି କାର୍ଯ୍ୟକ୍ରମକୁ ଭାରାପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟ୍ଟନାୟକ ତଦାରଖ କରୁଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୁସ୍ମାଲତା ଦୀକ୍ଷିତ , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ କୁମାର ଦାୟିତ୍ୱରେ ଥିବା ସୂଚନା ମିଳିଛି । କିନ୍ତୁ ଭିନ୍ନକ୍ଷମ ମାନଙ୍କ ଗୁହାରି ଶୁଣିବାକୁ ଏହି ଅଫିସର ମାନଙ୍କ ଦେଖା ନଥିଲା । ଏପରିକି ଭିନ୍ନକ୍ଷମ ମାନଙ୍କ ପାଇଁ ସାମାନ୍ୟ ତମ ସୁବିଧା ନଥିବା ପରିଲକ୍ଷିତ ହୋଇଛି । ଖରାରେ ଶହଶହ ପୁରୁଷ , ମହିଳା ,ବୃଦ୍ଧ ଓ ବୃଦ୍ଧା ଭିନ୍ନକ୍ଷମ ଦିର୍ଘ ୮ ରୁ ୯ ଘଣ୍ଟା ଠିଆ ହୋଇଥିବା ବେଳେ ସାମାନ୍ୟ ଚୌ।କି କି ପାଣିର ବ୍ୟବସ୍ଥା ନଥିଲା । ଅନେକ ଭିନ୍ନକ୍ଷମ ନିରୁପାୟ ହୋଇ ଫେରି ଯାଇଥିବା ସୂଚନା ମିଳିଛି । କିନ୍ତୁ ଆଜ୍ଞା ,ପାତ୍ର ମ୍ୟାଡାମ କହିଛନ୍ତି ଏଇଟା ହେଉଛି ପ୍ରଶାସନିକ କାର୍ଯ୍ୟକ୍ରମ, ସେମାନେ ଯାହା କହିବେ ସେଇଟା ଠିକ୍ । ପ୍ରଶାସନିକ ଅଧିକାରୀ ଙ୍କ ମୁତାବକ ୭୨ ଦୃଷ୍ଟି ବାଧିତ , ୪୯ କର୍ଣ୍ଣ ବାଧିତ , ୨୭୮ଜଣ ବିଭିନ୍ନ ଗୋଡ଼ , ହାତ ଓ ବିଭିନ୍ନ ଅଙ୍ଗବାଧିତ , ୬୮ ଜଣ ଅନ୍ତର୍ନିହିତ ବାଧିତ , ୪୪ ଜଣ ମୁଖବାଧିତ ଦ୍ୱିଆଙ୍ଗଙ୍କୁ ପରିକ୍ଷା କରି ପ୍ରମାଣପତ୍ର ଓ ଉପକରଣ ଦିଆଯାଇଛି । ୩ ଜଣଙ୍କୁ ଟ୍ରାଇ ସାଇକେଲ ,୩ ଜଣଙ୍କୁ ଅନ୍ଧ ବାଡି ପ୍ରଦାନ ସହ ୯୮ ଜଣଙ୍କୁ ପ୍ରମାଣପତ୍ର ପାଇଁ ସୁପାରିଶ କରାଯାଇଛି । ୧୪ ଜଣଙ୍କୁ ଲୋନ ଓ ୭୮ ଜଣଙ୍କୁ ବର୍ଦ୍ଧିତ ଭତ୍ତା ପାଇଁ ସୁପାରିଶ କରାଯାଇଥିବା ସରକାରୀ ଭାବେ ସୂଚନା ଦିଆଯାଇଛି । ପରିଶେଷରେ କାର୍ଯ୍ୟକ୍ରମଟି ସଫଳ ହୋଇଛି ବୋଲି ବିଭିନ୍ନ ଢ଼ଙ୍ଗରେ ଫୋଟ ଉଠିଛି । ତେବେ ପ୍ରଶାସନ ଭିନ୍ନକ୍ଷମଙ୍କ ସହାୟତା ନାଁ ରେ ସେମାନଙ୍କୁ ଏଭଳି ହଇରାଣ କରିବା କେତେଦୂର ଠିକ୍ ଆପଣମାନେ ବିଚାର କରିବେ ।

## ସରକାରୀ କାର୍ଯ୍ୟକ୍ରମରେ ଜନୈକ ବ୍ୟକ୍ତିଙ୍କ ବ୍ୟବହାରକୁ ନେଇ ଚର୍ଚ୍ଚା

ନିଶ୍ଚିନ୍ତକୋଇଲ୬/୭(ନି.ପ୍ର): ରାଜ୍ୟ ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ପକ୍ଷରୁ ଶୁଭାରମ୍ଭ ହୋଇଥିବା ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ ସହିତ ବ୍ଲକ ସ୍ତରୀୟ ସିଧା ପ୍ରସାରଣ ମାଧ୍ୟମରେ ଲୋକମାନେ ଏହି କାର୍ଯ୍ୟକ୍ରମରେ ଯୋଡି ହେବାର ଲକ୍ଷ୍ୟ ନେଇ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଅଂଚଳର ଜନୈକ ବ୍ୟକ୍ତି ଯିଏ କି ବର୍ତ୍ତମାନ ମାହାଙ୍ଗା ସ୍ୱାଧୀନ ବିଧାୟକଙ୍କ ଚାଟୁକାର ସାଜିଛନ୍ତି ସଂପୃକ୍ତ ବ୍ୟକ୍ତି ଜଣକ ଅନୁଷ୍ଠିତ ସରକାରୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ସଂପୃକ୍ତବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ନେଇ ନିଶ୍ଚିନ୍ତକୋଇଲି ଅଂଚଳରେ ଚର୍ଚ୍ଚା ଯୋର ଧରିଛି। ଏହାଏକ ସରକାରୀ କାର୍ଯ୍ୟକ୍ରମ ଥିଲା ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଂଚଳର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରାଯାଇନଥିଲା । ଏହି ଚାଟୁକାର ବ୍ୟକ୍ତି ଜଣକ ସାମାଜିକ ଗଣମାଧ୍ୟମରେ(ହ୍ୱାଟସ୍‌ଅପ୍) ଗ୍ରୁପ୍‌ରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ସୂଚନା ପ୍ରଦାନ କରିଥିଲେ । ଯେଉଁ ହ୍ୱାଟସ୍ ଆପ୍ ଗ୍ରୁପ୍‌ଟି ଖବର ପ୍ରଚାର ପ୍ରସାର ପାଇଁ ଉଦ୍ଦିଷ୍ଟ । କେବଳ ସେତିକିରେ ତାଙ୍କର କାର୍ଯ୍ୟକଳାପ ଶେଷ ହୋଇନଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମେର ସେ ନିଜକୁ ସର୍ବେସର୍ବା ମନେ କରି ସାଧାରଣ ଲୋକମାନଙ୍କୁ ସଠିକ୍ ବ୍ୟବହାର କରିନଥିବା ଅଭିଯୋଗ ହେଉଛି। କଥା ଉଠୁଛି ସଂପୃକ୍ତ ବ୍ୟକ୍ତି ଯେଉଁ ଗଣମାଧ୍ୟମ ପ୍ରତିନିଧିମାନେ ବର୍ତ୍ତମାନର ବିଧାୟକ, ପ୍ରଶାସନିକ ଅଧିକାରୀ ଓ ବିଧାୟକଙ୍କ ଆଗଧାଡିଆ ଚାଟୁକାରଙ୍କ ସପକ୍ଷରେ ଟେକି ଟାକି ଖବର ପ୍ରଚାର ପ୍ରସାର କରିବେ ସେମାନଙ୍କୁ ଏହି ବ୍ୟକ୍ତି ଜଣକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ସୂଚନା ପ୍ରଦାନ କରିଥିଲେ। ଆଲୋଚନା ହେଉଛି ସଂପୃକ୍ତ ବ୍ୟକ୍ତି ଜଣକ କିଏ ? ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲା ବେଳେ ସେ କାହିଁକି ଏତେ ସକ୍ରିୟ କାହା ବଳରେ। ସଭାସ୍ଥଳରେ ସାଧାରଣ ଜନତାଙ୍କ କଥା ଛାଡ ଜନୈକ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସେ ପ୍ରତିନିଧି ବସିଥିବା ଆସନରୁ ଉଠିଯିବାକୁ କହିଥିଲେ।

## ବିନା ସୂଚନା ଫଳକରେ ଢଳେଇରାସ୍ତା ନିର୍ମାଣ- ସାଧାରଣରେ ଅସନ୍ତୋଷ



ନିଶ୍ଚିନ୍ତକୋଇଲି ୬/୭(ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ ବଡକ୍ଷୀର ପଂଚାୟତ ଗୋପପୁର ଗ୍ରାମର ୧୭ ନମ୍ବର ଓ୍ୱାର୍ଡ ଅଧିନସ୍ଥ ୮(ଘ)-୧ ଶାଖା ନାଳ ବନ୍ଧ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯାଇଛି। ମଥୁରାନନ୍ଦ ସାହୁଙ୍କ ଘରଠାରୁ ସାନ ଗୁଡିଆ ସାହି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଏହି ଢଳେଇ ରାସ୍ତାର କାର୍ଯ୍ୟକ୍ରମ ସଂପର୍କୀତ ସବିଶେଷ ବିବରଣୀର ସୂଚନା ଫଳକ ଲଗାଯାଇନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଶୁଣିବାକୁ ମିଳୁଛି ସ୍ଥାନୀୟ ପଂଚାୟତ ସମିତିସଭ୍ୟଙ୍କ ନିଜସ୍ୱ ପାଣ୍ଠି ୨.୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନରେ ନିର୍ମିତ ଉକ୍ତ ଢଳେଇ ରାସ୍ତାର ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଲିଲିମା ନାୟକ(ବିଭାଗୀୟ)ଙ୍କ ନାମେ କାର୍ଯ୍ୟାଦେଶ ଥାଇ ଉକ୍ତ କାର୍ଯ୍ୟ ନିର୍ମାଣ ହୋଇଛି। ଏଠାରେ ସୂଚନା ଥାଉ କି ଯାହା ନାଁରେ କାର୍ଯ୍ୟଦେଶ ରହୁଛି ସେ ନିଜେ କାର୍ଯ୍ୟର ତଦାରଖ ଦାୟିତ୍ୱ ନିର୍ବାହ କରୁଛି । ନିର୍ମାଣ କାର୍ଯ୍ୟ ସମୟରେ କାର୍ଯ୍ୟ ସ୍ଥଳରେ ଅଳ୍ପ କିଛି ସମୟ ପାଇଁ ଉପସ୍ଥିତ ରହି କନିଷ୍ଠ ଯନ୍ତ୍ରୀ ଜଣଙ୍କ ଫେରିଆସିଥାଆନ୍ତି । କନିଷ୍ଠ ଯନ୍ତ୍ରୀ ସ୍ଥାନୀୟ ଅଂଚଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ରାଜନୈତିକ ସମର୍ଥକମାନଙ୍କୁ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଦେଇ ରାଧେ ରାଧେ ତୋର ଅଧେକୁ ମୋର ଅଧେ ନ୍ୟାୟରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଏଠାରେ ସୂଚନା ଥାଉ କି ସଂପୃକ୍ତା କନିଷ୍ଠ ଯନ୍ତ୍ରୀ ଜଣକ ଦୀର୍ଘ ଦିନରୁ ଏହି ବ୍ଲକରେ ରହି କାର୍ଯ୍ୟ ତୁଲାଉଥିଲେ ମଧ୍ୟ ତାଙ୍କୁ ଏଠାରୁ ବଦଳୀ କରାଯାଉ ନାହିଁ କାହିଁକି। ପୂର୍ବରୁ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ସମୟରୁ ଏହି କନିଷ୍ଠ ଯନ୍ତ୍ରୀଜଣକ ଏଠାରେ ରହି କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ମାହାଙ୍ଗାରେ ସ୍ୱାଧୀନ ବିଧାୟକ ପ୍ରତିନିଧିତ୍ୱ କରୁଥିବା ସମୟରେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଏହିଠାରେ ରହି କାର୍ଯ୍ୟ କରିବାରେ ସକ୍ଷମ ହୋଇ ପାରିଛନ୍ତି । ପୂର୍ବରୁ କନିଷ୍ଠ ଯନ୍ତ୍ରୀ ଜଣକ ବିଭିନ୍ନ କାର୍ଯ୍ୟରେ ଅନୀୟମିତତା କରିଥିବା ନେଇ ସାଧାରଣରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ସେ ରାଜନୈତିକ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ସହ ସଲାସୁତୁରା କରି ଏହି ବ୍ଲକରେ ରହି କାର୍ଯ୍ୟ କରିପାରୁଛନ୍ତି । ସଂପୃକ୍ତା କନିଷ୍ଠ ଯନ୍ତ୍ରୀ ଜଣକ ଯେଉଁ ଯେଉଁ ପଂଚାୟତରେ ରହି ବିଭାଗୀୟ ନାମେ କାର୍ଯ୍ୟ ଥାଇ ଉକ୍ତ କାର୍ଯ୍ୟର ସେ ମାପ କରିବା ସହ ଅର୍ଥ ଉଠାଣ କରିଥାଆନ୍ତି । ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ପାଇଁ ସାଧାରଣରେ ଦାବି ହେଉଛି ।

# ନିଶ୍ଚିନ୍ତକୋଇଲି ବ୍ଲକ ଡ୍ରାଇଭର ସଂଘ ନୂତନ କମିଟି ଗଠିତ

ନିଶ୍ଚିନ୍ତକୋଇଲି ୬/୭(ନି.ପ୍ର): କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱ ଜିଗ୍ନିପୁର ପଂଚାୟତ ବାହାବଳପୁରସ୍ଥିତ ଡ୍ରାଇଭର ସଂଘ କାର୍ଯ୍ୟାଳୟ ପରିସରରେ ନିଶ୍ଚିନ୍ତକୋଇଲି ବ୍ଲକ ଡ୍ରାଇଭର ସଂଘର ନୂତନ କମିଟି ଗଠନ ହେବା ସହ କର୍ମକର୍ତ୍ତା ମନୋନୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଅଶୋକ କୁମାର ଦାସ, ଉପସଭାପତି ଖଗେଶ୍ୱର ଲେଙ୍କା, ସଂପାଦକ ପଦ୍ମଲୋଚନ ମଲିକ, ସହସଂପାଦକ ଜଗନ୍ନାଥ ଦାସ, କୋଷାଧ୍ୟକ୍ଷ ଅଜୟ କୁମାର ରାଉତ, ଉପଦେଷ୍ଟା ଗୋଲଖ ପରିଡା, ସଂଯୋଜକ ଶିବାନନ୍ଦ ସାହୁ, ହେଲପ୍‌ଲାଇନ୍ ସଦସ୍ୟ ସ୍ମୃତିରଂଜନ ମିଶ୍ର, ବ୍ଲକ ହେଲ୍‌ପଲାଇନ ସଦସ୍ୟ ପ୍ରତାପ ମଲିକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇ ଏକ କମିଟି ଗଠନ କରାଯାଇଛି। ନୂତନ ଭାବେ ଦାୟିତ୍ୱ ନେଇଥିବା ସମସ୍ତ ପଦପଦବୀଧାରୀମାନେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ସମସ୍ତ ଗାଡି ଚାଳକ ବନ୍ଧୁମାନେ ଏକମନଭାବ ନେଇ ଏକାଠି ହୋଇ ରାଜ୍ୟ, ଜିଲ୍ଲା ସର୍ବପରୀ ବ୍ଲକର ସଂଗଠନକୁ ସହଯୋଗ ସମର୍ଥନ କରିବା ସହିତ ସମସ୍ତ ଚାଳକ ବନ୍ଧୁମାନେ ଗାଡି ଚଳାଇବା ବେଳେ ମାଦକ ଦ୍ରବ୍ୟ ସେବନଠାରୁ ନିବୃ□ ରହିବା, ଯାତ୍ରୀ ବାହାଯାନ ହେଉ କି ମାଲବାହୀ ଯାନ ହେଉ ଗାଡି ଚଳାଇବା ସମୟରେ ଗାଡିର ବେଗକୁ ନିୟନ୍ତ୍ରଣରେ ରଖିବା ଏବଂ ସଂପୂର୍ଣ୍ଣ ଟ୍ରାଫିକ୍ ନିୟମ ଗାଡି ଚଳାଇବାକୁ କମିଟିର କର୍ମକର୍ତ୍ତାମାନେ ସମସ୍ତ ଡ୍ରାଇଭର ବନ୍ଧୁମାନଙ୍କୁ ନିବେଦନ କରିଛନ୍ତି।

## ବେଲଗୁଣ୍ଠାରେ ବିକଶିତ ଗାଆଁ, ବିକଶିତ ଓଡ଼ିଶାର ଶୁଭାରମ୍ଭ



ବେଲଗୁଣ୍ଠା ୬/୭(ନି.ପ୍ର): ଆଜି ସାରା ଓଡ଼ିଶାରେ ବିକଶିତ ଗାଆଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଠାରେ ଉଦ୍ଘାଟନ କରିଥିବା ବେଳେ ବେଲଗୁଣ୍ଠା ଠାରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ଏବଂ ବିଡ଼ିଓ ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡ଼ିପିଓ ନଳିନୀ ମହାରଣା, ଏନ୍‌ଏସି କାର୍ଯ୍ୟ ନିର୍ବାହି ଅଧିକାରୀ ବନମାଳୀ ଶତପଥି, ପଂଚାୟତ ସମିତି ଅଧ୍ୟକ୍ଷା ପ୍ରମିଳା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ବହୁ କାଉନସିଲର୍, ବେଲଗୁଣ୍ଠା ପଂଚାୟତ ସମିତିର ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଏବଂ ବହୁ ମହିଳା ଗୋଷ୍ଠୀ ଯୋଗ ଦେଇଥିଲେ। ଗାଆଁର ବିକାଶ ବିନା ଦେଶର ପ୍ରଗତି ଅସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ୨୦୧୪ ମସିହାରେ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଗ୍ରାମ ମାନଙ୍କର ବିକାଶ ପାଇଁ ପାଞ୍ଚ ହଜାର କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଏହାର ସୁବିନିଯୋଗ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା । ବିଶେଷ କରି ଗ୍ରାମ ସଡ଼କ ସଂଯୋଜନା,କ୍ଷୁଦ୍ର ଶିଳ୍ପର ବିକାଶ,କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ,ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ବିକାଶ ଏବଂ ବହୁମୁଖୀ ପ୍ରକଳ୍ପ ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା ଓ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ସହକାରୀ ନିର୍ବାହି ଅଧିକାରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ କିରାଣୀ, କୃଷି ଅଧିକାରୀ, ଯୋଗାଣ ସହାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କଟକ ୦୬/୭(ନି.ପ୍ର): ଆଗାମୀ ମାର୍ଚ୍ଚ ୨୪ ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜଗନ୍ନାଥ ମହୋତ୍ସବର ଦ୍ୱିତୀୟ ପ୍ରସ୍ତୁତି ବୈଠକ କୁରକ୍ଷଙ୍ଗ ଶାସନ ସ୍ଥିତ ଆମ୍ରପଲ୍ଲୀ ରିସର୍ଟ ପରିସରରେ କଟକ ସଦର ଥାନାଞ୍ଚଳ ଶାନ୍ତି କମିଟିର ଉପଦେଷ୍ଟା ତଥା ଆଧ୍ୟାତ୍ମିକ ସ୍ତମ୍ଭକାର ଇଂ.ଶ୍ରୀସନ୍ନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ନିଆଳିର ମାନ୍ୟବର ବିଧାୟକ ଛବି ମଲ୍ଲିକ ଯୋଗ ଦେଇ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମଟି କିପରି ଆହୁରି ସର୍ବାଙ୍ଗ ସୁନ୍ଦର ହୋଇ ପାରିବ ସେଥିପାଇଁ ସେ ମନ ପ୍ରାଣ ଦେଇ ସହଯୋଗ କରିବେ ବୋଲି ମତ ଦେଇଥିଲେ । ପଞ୍ଚ ଦିବସୀୟ ଏହି କାର୍ଯ୍ୟକ୍ରମ ରେ ଶ୍ରୀଜଗନ୍ନାଥ ଙ୍କ ସହ ଐତିହ୍ୟ ସମ୍ପନ୍ନ ପ୍ରାଚୀ ନଦୀ ଓ ଏହାର ଗୌରବମୟ ସଭ୍ୟତା ଉପରେ ବିଶେଷ ପ୍ରାଧାନ୍ୟ ଦିଆଯିବାକୁ ବିଧାୟକ ପ୍ରସ୍ତାବ ଦେଇଥିଲେ । ବୈଠକରେ ସର୍ବ ସମ୍ମତି କ୍ରମେ ବିଧାୟକଙ୍କୁ ମହୋତ୍ସବ କମିଟି ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ନିଆଳି ଯୁବ ଜାଗ୍ରତ ମଞ୍ଚ ର ପ୍ରତିଷ୍ଠାତା କଳ୍ପତରୁ ଖୁଣ୍ଟିଆ ବିଧାୟକଙ୍କୁ ସ୍ୱାଗତ କରିବା ସହ ଆୟୋଜନ ବାବଦରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ପ୍ରାଚୀ ପ୍ରଜ୍ଞା ପରିଷଦ ର ଅଧକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଆଇନଜୀବୀ କବି ନାରାୟଣ ଜେନା,ବରିଷ୍ଠ ସଂଗଠକ ଆଦିତ୍ୟ ପାଣି,ପ୍ରଦୀପ୍ତ ମହାନ୍ତ,ଆଞ୍ଚଳିକ ଶାନ୍ତି କମିଟି ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଅଶୋକ କୁମାର ରଥ,ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ,କାନନ ବିହାରୀ ନାୟକ,ଦିଲ୍ଲୀପ କୁମାର ପାତ୍ର,ସରୋଜ କୁମାର ସ୍ୱାଇଁ ଉମାକାନ୍ତ କର, ଅନୁପ କୁମାର ସାସମଲ,କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ହିତାଂଶୁ ଶେଖର ଦାସ,ଗୌରାଙ୍ଗ ଚରଣ ନାଥ,ଦେବଜ୍ୟୋତି ଆଚାର୍ଯ୍ୟ, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସମାଜସେବୀ ସ୍ୱାଧୀନଚେତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ଜାଗ୍ରତ ମଞ୍ଚର ସମ୍ପାଦକ ଅରୁଣ କୁମାର ସାହୁ,ଦିଲ୍ଲୀପ କୁମାର ବେହେରା ସୁମିତ୍ରା ଦାସ,ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

## କାର ଧକ୍କା ରେ ବୃଦ୍ଧ ଙ୍କ ମୃତ୍ୟୁ

ପାଟଣା ୬/୭(ନି.ପ୍ର): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଖିରୋଇତାଙ୍ଗିରୀ ଛକ ନିକଟରେ ବୁଧବାର ଦିନ ୨ ଟା ବେଳେ ଅଜଣା କାର ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ଭୁଲୁଡା ଗ୍ରାମର ଭୁବନାଥ ନାୟକ(୭୫) । ବୃଦ୍ଧ ଜଣଙ୍କ ଚାଲି ଚାଲି ରାସ୍ତା ପାର ହେଉଥିବା ସମୟ ରେ କେନ୍ଦୁଝର ରୁ ତୁରୁମୁଙ୍ଗା ପଟକୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ଏନ ଏଚ ଆଇ ଆମ୍ବୁଲାନ୍ସ ସହାୟତା ରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଉତ୍ୟକ୍ତ ଲୋକେ ହମ୍ପସ ନିର୍ମାଣ ସହ କ୍ଷତିପୂରଣ ଦାବିରେ କିଛି ସମୟ ରାସ୍ତା ରୋକ କରିଥିଲେ। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଁଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା ।ତୁରୁମୁଙ୍ଗା ଥାନା ଏସ ଆଇ ସୁରେଶ ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ମର ଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।

## କୃତି କ୍ରୀଡାବିତ ଙ୍କୁ ସମ୍ବର୍ଦ୍ଧନା

ପାଟଣା ୬/୭(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର , ତୁରୁମୁଙ୍ଗା ଶିଶୁ ବିଦ୍ୟାମନ୍ଦିର ର ଛାତ୍ରୀ ପ୍ରାଦେଶିକ ସ୍ତରୀୟ ଖେଳକୁଦରେ ୮୦୦ମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପ୍ରାପ୍ତ ହୋଇ କୃତିତ୍ୱ ଅର୍ଜନ କରିଥିବା ଲିକି ରାଣୀ ମହାନ୍ତ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ରେ ସ୍ଥାନ ପାଇଥିବା ଅନନ୍ୟ ପ୍ରତିଭାଧାରିଣୀ ବିସ୍ମୟ ବାଳିକା ଶ୍ରେୟଂ ।ଶୀ ସାହୁ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଅଛି । ଏହି ଉତ୍ସବରେ ସଭାପତି ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ସଭାପତି ଭାବେ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ପୁଲିସ ଅଧିକାରୀ ସୁରେଶ କୁମାର ସାହୁ ,ସମ୍ମାନୀତ ଅତିଥି ଭାବେ ଇଂଜିନିୟର ଭାଗବତ ପ୍ରସାଦ ସାହୁ,ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାହୁ ଏବଂ ବିଶିଷ୍ଟ ଶିକ୍ଷାବିତ କୁଳମଣି ସାହୁ, ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଯୋଗଦେଇ ଥିଲେ ।କୃତି ପ୍ରତିଭାଗୀ ଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ମାନପତ୍ର ପ୍ରଦାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ସମାରୋହ

ପାଟଣା ୬/୭(ନି.ପ୍ର):ଘଟଗାଁ ବ୍ଲକ ଅନ୍ତର୍ଗତ ଭୋଳବେଡ଼ା ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ସମାରୋହ ବୁଧବାର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି ।ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଓ ଏ ଏସ ଭାଗିରଥି ନାୟକ , ମୁଖ୍ୟ ବକ୍ତା ଭାବେ ଘଟଗାଁ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ରଞ୍ଜନ କୁମାର ପଣ୍ଡା , ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଫକୀର ଚରଣ ସାହୁ , ଭୋଳବେଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ନାୟକ ,ପରିଚାଳନା ସମିତି ସଭାପତି ବାସନ୍ତୀ ଦଣ୍ଡପାଟ ,ସି ଆର ସି ସି ହୃଷିକେଶ ପଲେଇ , କେନ୍ଦୁଝର ଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଜୟ ପ୍ରକାଶ ରାଉତ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ହିତୋପଦେଶ ଛଳରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମ ରେ କ୍ରୀଡା ପ୍ରତିଯୋଗିତା ର ଚମ୍ପିୟାନ ବାଳକ ବର୍ଗ ର ସଞ୍ଜୟ ମୁଣ୍ଡା , ବାଳିକା ବର୍ଗ ର କର୍ଣ୍ଣେଇ ମହାନ୍ତ , ଶ୍ରେଷ୍ଠ ଛାତ୍ରୀ ପ୍ରୀତି ନାଏକ ଙ୍କ ସମେତ ଅନ୍ୟ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଶିକ୍ଷୟତ୍ରୀ ଭାବବତୀ ବିନିଶିଆ ,ସବ୍ୟଶାଚୀ ଖିଲାର, ସରୋଜ କୁମାର ମହାନ୍ତ ପ୍ରମୁଖ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଖାତିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତେନ୍ତୁଳିଖୁଣ୍ଟି ୬/୭(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ବାରଙ୍ଗ ପଦର ଗ୍ରାମ ପଞ୍ଚାୟତ ର ଖାତିଗୁଡ଼ା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟତ୍ରୀ ଚପଳା ଦେଇ ଙ୍କ ଆବାହକତ୍ୱ ରେ ଆଜି ଅନୁଷ୍ଠିତ ହୋଇଯାଇଛି । ନିମନ୍ତିତ ଅତିଥି ଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ , ବିଦ୍ୟାଳୟ ଛାତ୍ରୀ ଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ପ୍ରାରମ୍ଭ ରେ ଅର୍ଚ୍ଚନା ପଟ୍ଟନାୟକ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମ ,ମୁଖ୍ୟ ଅତିଥି ଭାବେ ଏ ବି ଇ ଓ ମୋହନ ମଧୁ ସୂଦନ ବାଗ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଏ ବି ଇ ଓ ରମେଶ ଟାକ୍ରୀ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବେହେରା ,ସମ୍ମାନିତ ଅତିଥି ଭାବେ ସରପଞ୍ଚ ବନ୍ଦିତା ନାୟକ ଓ ଆଞ୍ଚଳିକ ସାଧନ ସଂଯୋଜକ ପ୍ରମୋଦା ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଗ ଛାତ୍ର ଛାତ୍ରୀ ଙ୍କୁ ପାଠ ପଢା ରେ ମନୋନିବେଶ କରିବା ସହ ସାଂପ୍ରତିକ ବ୍ୟବସ୍ଥା ରେ ନିଜକୁ ସ୍ଥାପିତ କରିବା ପାଇଁ ସାଠ ସହ ଖେଳ କୁଦ ନାଚ ଗୀତ ଆଦି ରେ ମଧ ନିଜକୁ ସ୍ଥାପିତ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ରମେଶ ଚନ୍ଦ୍ର ଟାକ୍ରୀ ସାଂପ୍ରତିକ ବ୍ୟବସ୍ଥା ରେ ନିଜକୁ ସ୍ଥାପିତ କରିବା ପାଇଁ ସମୟାନୁବର୍ତ୍ତୀ,କର୍ତ୍ତବ୍ୟ ପରାୟଣ ହେବାକୁ ଆହ୍ୱାନ କରିଥିଲେ । ମଞ୍ଚ ପରିଚାଳନା ସହକାରୀ ଶିକ୍ଷୟତ୍ରୀ ମମତା ପାଣିଗ୍ରାହୀ କରିଥିବା ବେଳେ ବାର୍ଷିକ ବିବରଣୀ ପ୍ରଧାନ ଶିକ୍ଷୟତ୍ରୀ ଚପଳା ଦେଇ ପାଠ କରିଥିଲେ । ମଞ୍ଚରେ ଅଭିଭାଷଣ କାର୍ଯ୍ୟକ୍ରମ ପରେ ପୂରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା,ବିଭିନ୍ନ ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କୃତ ନିମନ୍ତିତ ମୁଖ୍ୟ ଅତିଥି ,ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ପ୍ରଦାନ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମ ର ମଞ୍ଚ ପରିଚାଳନା ସହକାରୀ ଶିକ୍ଷକ ହରେକୃଷ୍ଣ ଭତ୍ରା କରିଥିଲେ । ଏହା ପରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ଯାହାକୁ ପରିଚାଳନା କରିଥିଲେ । ବିଦ୍ୟାଳୟ ର ସହକାରୀ ଶିକ୍ଷୟତ୍ରୀ କ୍ରୀଷ୍ଟା ବାଗ , ରିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହ ଯୋଗ କରିଥିଲେ । ଶେଷରେ ଶିକ୍ଷୟତ୍ରୀ ମମତା ପାଣିଗ୍ରାହୀ ଧନ୍ୟବାଦ୍ ପ୍ରଦାନ କରିଥିଲେ । ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ହେବା ଓ ଛାତ୍ର ଛାତ୍ରୀ ଙ୍କୁ ପ୍ରତିଭା ପ୍ରଦର୍ଶନ ସୁଯୋଗ ମିଳିଥିବାରୁ ଅଭିଭାବକ ଓ ଗ୍ରାମବାସୀ ଖୁସି ବ୍ୟକ୍ତ କରିଥିଲେ ।

## ପୋଲସରାରେ ‘ବିକଶିତ ଗାଁ, ବିକଶିତ ଓଡ଼ିଶା‘ କାର୍ଯ୍ୟକ୍ରମ



ପୋଲସରା ୬/୭(ନି.ପ୍ର): ଫେବୃୟାରୀ ୫ ତାରିଖ ଦିନ ‘ବିକଶିତ ଗାଁ, ବିକଶିତ ଓଡ଼ିଶା‘ ଯୋଜନାର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିଲେ । ରାଜ୍ୟ ସ୍ତରୀୟ ଏହି ଉଦ୍ ?ଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ପୋଲସରା ବ୍ଲକ୍ ପ୍ରଶାସନ ପକ୍ଷରୁ ଭିଡିଓ କନ୍ଫରେନ୍ସରେ ଜରିଆରେ ଦେଖିବାର ବ୍ୟବସ୍ଥା କରାଯାଇଥିଲା । ପୋଲସରା ପେଟ୍ରୋଲ ପମ୍ପର ବିପରୀତ ଦିଗରେ ଥିବା ପଡିଆରେ ଆୟୋଜିତ ‘ବିକଶିତ ଗାଁ, ବିକଶିତ ଓଡିଶା‘ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେବା ସହ ବହୁ ଜନପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିଜ ବକ୍ତବ୍ୟରେ ଗାଁ ଉନ୍ନତି ହେଲେ ରାଜ୍ୟ ଓ ଦେଶର ବିକାଶରେ ଅଗ୍ରଗତି ନେଇ ମତ ଉପସ୍ଥାପନ କରିଥିଲେ । ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ବାର୍ଷିକ ଏକ ହଜାର କୋଟି ହିସାବରେ ୫ ବର୍ଷରେ ୫ ହଜାର କୋଟି ଟଙ୍କା ଖର୍ଚ୍ଚ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଫେବ୍ରୁଆରି ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ପ୍ରସ୍ତୁତ କରି ପଠାଇବାକୁ ନିର୍ଦ୍ଦେଶ ଅଛି । ନୂଆ ମାର୍ଗଦର୍ଶିକା ମୁତାବକ ପ୍ରତି ପଞ୍ଚାୟତର ବିକାଶକୁ ତ୍ୱରାନ୍ୱିତ କରାଯିବ । ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ । ଏହି ଯୋଜନା ମାଧ୍ୟମରେ ଶିକ୍ଷା, କ୍ରିଡ଼ା, ଗମନାଗମନ, କ୍ଷୁଦ୍ର ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ସହ ସାଂସ୍କୃତିକ କେନ୍ଦ୍ର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଇତ୍ୟାଦି ନିର୍ମାଣ କରାଯିବ । ପୋଲସରା ବିଡିଓ କୁରେଶ ଚନ୍ଦ୍ର ଜାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡା, ବ୍ଲକ କର୍ମଚାରୀ ବୃନ୍ଦ, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଓ ସାଧାରଣ ଜନତା ଉପସ୍ଥିତ ଥିଲେ ।

## ଡୁମୁରିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ସମାରୋହ

ପାଟଣା ୬/୭(ନି.ପ୍ର):ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ବିଏସ ଉଚ୍ଚ ବିଦ୍ୟାଳୟ ର ୪୯ ତମ ବାର୍ଷିକ ସମାରୋହ ଆଜି ପ୍ରଧାନ ଶିକ୍ଷକ ତ୍ରିନାଥ ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବରିଷ୍ଠ ଶିକ୍ଷକ ସୁଧାକର ପଣ୍ଡା ଅତିଥି ପରିଚୟ ବାର୍ଷିକ ବିବରଣୀ ପାଠ ଓ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ ।ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାତ,ମୁଖ୍ୟ ବକ୍ତା ଭାବେ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ,ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ,ପଞ୍ଚସଖା ସେତୁ ସଭାପତି କେଦାର ନାଥ ପଲେଇ, ଶିକ୍ଷାବିତ ତଥା ଶିକ୍ଷକ ନେତା ନଳିନୀ ଚନ୍ଦ୍ର ଘଣା, ସାମାଜିକ କର୍ମୀ ରମାକାନ୍ତ ମହାନ୍ତ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସ ଓ ପ୍ରଶନ୍ନ କୁମାର ପରିଡ଼ା, ସମାଜ ସେବୀ ଉମାକାନ୍ତ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ମାର୍ଗ ଦର୍ଶନ କରିଥିଲେ ।କାର୍ଯ୍ୟକ୍ରମ ରେ ଏହି ବିଦ୍ୟାଳୟ ରୁ ଅବସର ନେଇଥିବା ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ମହାନ୍ତ ଓ ହିନ୍ଦୀ ଶିକ୍ଷକ ବିବେକାନନ୍ଦ ନାଏକଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତାର ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବା ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବାଇକ୍ ଦୁର୍ଘଟଣା ଗ୍ରସ୍ତ ଜଣେ ଗୁରୁତର

ପାଟଣା ୬/୭(ନି.ପ୍ର): ୨୦ ନଂ ଜାତୀୟ ରାଜପଥ ଅନ୍ତର୍ଗତ କଟରାବେଡା ନିକଟରେ ଆଜି ଅପରାହ୍ନରେ ଏକ ପଲ୍ସର୍ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି ।ଭାରସାମ୍ୟ ହରାଇ ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି ।ଖଣ୍ଡଘର ଟୋଲ ଗେଟ ରୋଗୀ ଜାନ ରେ ଗୁରୁତର ଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିବାବେଳେ ଦୁର୍ଘଟଣା ଗ୍ରସ୍ତ ବାଇକ୍ ଟିକୁ ଡେଙ୍କିକୋଟ ଫାଣ୍ଡି କୁ ଅଣା ଯାଇଛି ।

## ପାଟଣା ରେ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା ର ଶୁଭାରମ୍ଭ



ପାଟଣା ୬/୭(ନି.ପ୍ର): ଆଜି ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିକଶିତ ଗାଁ ବିକଶିତ ଓଡ଼ିଶାର ଶୁଭାରମ୍ଭ ହୋଇଛି । ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ କୁ ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଠାରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିଥିଲେ । ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ , ସମ୍ମାନିତ ଅତିଥି ଭାବେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ଏପିଓ ଦିପକ କୁମାର ବେହେରା, ପାଟଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ଓଝା, ପ୍ରକାଶ କୁମାର ରାୟ,ସିଡିପିଓ କଳ୍ପନା ଡୋରା, ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିପିଡ଼ିଓ ରଶ୍ମିରେଖା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଉଦଘାଟନି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକର ୨୦ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ମିଶନ୍ ଶକ୍ତି ର ମହିଳା ଓ ବ୍ଲକ ର ସମସ୍ତ ଅଧିକାରୀ ମାନେ ଏଠାରେ ଯୋଗଦେଇଥିଲେ । ଏହି ଯୋଜନାରେ ୫ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଏହି ଯୋଜନା ୫ ବର୍ଷ ଧରି ଚାଲିବ ବୋଲି ମୁଖ୍ୟ ମନ୍ତ୍ରୀ କହିଥିଲେ ।ଏହି ଯୋଜନାରେ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟ ର ଯୋଜନା ପଞ୍ଚାୟତ ସ୍ତରରୁ ଗ୍ରାମ ସଭା ମାଧ୍ୟମରେ ସ୍ଥିର କରାଯିବ ବୋଲି ସରକାର ଙ୍କ ନିର୍ଦ୍ଦେଶ ଥିବାରୁ ଆସନ୍ତା ୧୫ ତାରଖ ସୁଦ୍ଧା ତାହା ଶେଷ ହେବ ବୋଲି ବିଡ଼ିଓ ସୂଚନା ଦେଇଥିଲେ ।

## ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଶୁଭାରମ୍ଭ

କଣାସ ୬/୭(ନି.ପ୍ର): ପୁରୀ ଜିଲା କଣାସ ବ୍ଲକ୍ ନିକଟ ଦଶହରା ପଡିଆ ଠାରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସାରା ରାଜ୍ୟ ପାଇଁ ସିଧା ପ୍ରସାରଣ ମାଧ୍ୟମରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲା ଜଙ୍କିଆ ମିନି ଷ୍ଟାଡିୟମ ଠାରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ୫ ବର୍ଷ ପର୍ଯ୍ୟନ୍ତ ୫ ହଜାର କୋଟିର ବ୍ୟୟ ବରାଦ କରାଯାଇ ଗ୍ରାମାଞ୍ଚଳରେ ମୌଳିକ ଭିତ୍ତି ଭୂମିର ବିକାଶ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ, ଆନ୍ତଃ ଗ୍ରାମ୍ୟ ସଡକ ସଂଯୋଗୀକରଣ, ଶିକ୍ଷା ଓ କ୍ରିଡା ଭିତ୍ତିଭୂମିର ସଂପ୍ରସାରଣ ଓ ଆଧୁନିକୀକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଉପରେ ବିଷଦଭାବେ ସିଧା ପ୍ରସାରଣ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ, ଜିଲପରିଷଦ ସଭ୍ୟା ଲତାମଣୀ ଜଗଦେବ ,ବିଡ଼ିଓ ନାରାୟଣ ସାହୁ ,ତହସିଲଦାର ହିଂମାଶୁ ଶେଖର ଗିରି,ଏବିଡିଓ ମଙ୍ଗଳସିଂ ହେମ୍ବ୍ରମ , ସିଡିପିଓ ସ୍ମିତା ମହାନ୍ତି, ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ,ସହକାରୀ ନିର୍ବାହୀ ଯନ୍ତ୍ରୀ ଶାଶ୍ୱତ ସେନାପତି,ସୁଶାନ୍ତ କୁମାର ସାହୁ,ଜିପିଓ ବସନ୍ତ କୁମାର ବରାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ସାହୁ,ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ , ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ,ସମିତିସଭ୍ୟ ଓ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।



## କଣାସ ବ୍ଲକ ସ୍ତରୀୟ ନିପୂଣ ଓଡ଼ିଶା ମେଳା



କଣାସ ୬/୭(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ବୁଧବାର ଦିନ ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍ ସ୍ତରୀୟ ନିପୂଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଯାଇଅଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଲତାମମଣି ଜଗଦେବ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଭବମ୍ ପ୍ରଧାନ ସଭାପତିତ୍ୱ କରିଥିଲେ ।ପାଞ୍ଚଟି ଷ୍ଟଲ୍ କରାଯାଇଥିଲା ଏଥିରେ ବିଭିନ୍ନ ବିଦ୍ୟାଳୟର ୧୨୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । ନିପୂଣ ଓଡ଼ିଶା ମୌଳିକ ସାକ୍ଷରତା ଭାଷା ଓ ସଂଖ୍ୟାଜ୍ଞାନର ଶ୍ରେଣୀ ପରିଚାଳନା କରିଥିଲେ ମମତା ରାଣି ବେହେରା ଓ ନିରଞ୍ଜନ ଶ୍ରୀଚନ୍ଦନ ।ଅନ୍ୟମାନଙ୍କ ମଧ୍ୟରେ ସହଶିକ୍ଷା ଅଧିକାରୀ ବିନୋଦ କୁମାର ସେଠୀ,ନାରାୟଣ ପ୍ରଧାନ,ପଞ୍ଚାୟତ ଜନପ୍ରତିନିଧି,୧୭ଟି କ୍ଲଷ୍ଟର ସିଆରସିସି ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ବେହେରା କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଜିତେନ୍ଦ୍ର ପେଣ୍ଡୋଇ ସଂଯୋଜନା କରିଥିଲେ ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ଶେଷ,ଭୋଟ ଗଣତି କାୟମ



ସିମୁଳିଆ ୬/୭(ନି.ପ୍ର):ମାର୍କୋଣା ସରପଞ୍ଚଙ୍କ ବିରୋଧ ଆସିଥିବା ଅନାସ୍ଥା ପାଇଁ ସରିଲା ଭୋଟଦାନ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କାୟମ ରହିଲା ଘୋଷଣା । ଗତ ୫ମାସ ତଳେ ସିମୁଳିଆ ନିର୍ବାଚନ ମଣ୍ଡଳୀର ମାର୍କୋଣା ପଞ୍ଚାୟତର ସରପଞ୍ଚଙ୍କ ବିଭିନ୍ନ ମନମୁଖୀ କାର୍ଯ୍ୟ, ଧମକ ଦେବା, ସଭା ନକରିବା ଆଦି ଅଭିଯୋଗ ନେଇ ୮ ଜଣ ୱାର୍ଡ ସଭ୍ୟସଭ୍ୟା ମାନେ ବାଲେଶ୍ୱର ଜିଲ୍ଲାର ଉପଜିଲ୍ଲାପାଳଙ୍କ ନିକଟରେ ସରପଞ୍ଚ କମଳାକାନ୍ତ ନାୟକଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଅଭିଯୋଗ କରିଥିଲେ ମଧ ବିଭିନ୍ନ ରାଜନୈତିକ ଚାପ ବଳରେ କୌଣସି କାର୍ଯ୍ୟନୁଷ୍ଠାନ ହୋଇନଥିଲା । ଶେଷରେ ୱାର୍ଡସଭ୍ୟସଭ୍ୟା ମାନେ ଉକ୍ତ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ଆଜି ସରପଞ୍ଚଙ୍କ ବିରୋଧ ମାର୍କୋଣା ପଂଚାୟତ କାର୍ଯ୍ୟାଳୟରେ ଅନାସ୍ଥା ପାଇଁ ଭୋଟ ଦାନ କରିବା ନେଇ ଆଜିର ତାରିଖ ଘୋଷଣା ହୋଇଥିଲା । ଦିନ ୧ଘଟିକା ସମୟରେ ଭୋଟ ଦାନ ସରିଥିଲା । ୧୩ଜଣ ୱାର୍ଡ ସଭ୍ୟସଭ୍ୟାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଇସ୍ତଫା ଦେଇଛନ୍ତି । ସେଥି ମଧ୍ୟରୁ ଆଜି ୯ ଜଣ ଉପସ୍ଥିତ ରହି ମତଦାନ କରିଥିଲେ । ନିର୍ବାଚନ ଅଧିକାରୀ ଭାବେ ସିମୁଳିଆ ତହସିଲଦାର ଦାୟିତ୍ୱରେ ଥିଲେ । କମଳାକାନ୍ତ ବିଗତ ପଂଚାୟତ ନିର୍ବାଚନରେ ବିଜେପି ସମର୍ଥିତ ଭାବେ ସରପଞ୍ଚରେ ବିଜୟୀ ହୋଇଥିଲେ । ସୁରକ୍ଷା ଦୃଷ୍ଟିରୁ ୧ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ ହୋଇଥିଲେ କ୍ଷ ମତଦାନ ବାକ୍ସକୁ ସୋର ଟ୍ରେଜେରୀ କାର୍ଯ୍ୟାଳୟରେ ଏହା ଜମା ରହିବା ନେଇ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ଶ୍ରୀ ଟୁଡୁ ସୂଚନା ଦେଇଥିଲେ ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ

ସିମୁଳିଆ ୬/୭(ନି.ପ୍ର): ସିମୁଳିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ ହୋଇଯାଇଛି । ଏହି ଉଦଯାପନି ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଅଧ୍ୟାପକ ରଞ୍ଜନ କୁମାର ମୁଦୁଲି, ଦୀନବନ୍ଧୁ ମହାପାତ୍ର, ପ୍ରକାଶ କୁମାର ପଟ୍ଟନାୟକ, ଅଧ୍ୟାପିକା ରିତାରାଣୀ ପଣ୍ଡା, ନନ୍ଦିତା ଶତପଥୀ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ କହିଥିଲେ । ଶିବିରର ସଂଯୋଜିକା ସଂଗୀତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ ମୋଟ ୨୫୧ଜଣ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଦାନ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଉଦ୍ୟାନ କୃଷି ବିଭାଗ ରେ ଅନିୟମିତତା , ଉଚ୍ଚ ସ୍ତରୀୟ ତଦନ୍ତ ଦାବି



ପାଟଣା ୬/୭(ନି.ପ୍ର): ସାହାରପଡ଼ା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ଉଦ୍ୟାନ କୃଷି ବିଭାଗ, କେନ୍ଦୁଝର ତରଫରୁ ମନରେଗା ଯୋଜନାରେ ସ୍ଥାନୀୟ ଲୋକଙ୍କ ଜରିଆରେ କଲମୀ କାଜୁ ବୃକ୍ଷ ରୋପଣ କରାଯାଇ ଥିବାବେଳେ ବୃକ୍ଷ ରୋପଣ ଠାରୁ ଆରମ୍ଭ କରି ପାଣି ଦେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଦାୟୀତ୍ୱର ସହ କରାଯାଇ ନଥିବାରୁ ଗୋଟିଏ ବି ବୃକ୍ଷ ବଞ୍ଚି ନ ଥିବାର ଜଣା ପଡ଼ିଛି । ଗଛ ବଞ୍ଚିବା ପାଇଁ ଯଦି ଲଗା ଯାଇଥାନ୍ତା ତେବେ ତାହା ବଞ୍ଚିଥାନ୍ତା, ମାତ୍ର ଉଦ୍ୟାନ କୃଷି ବିଭାଗର କେଳେଙ୍କାରୀ ପାଇଁ ଏଭଳି ସରକାରୀ ଯୋଜନା ବିଫଳ ହୋଇଥିବା ବେଳେ କେବଳ ଅର୍ଥଶ୍ରାଦ୍ଧ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଉଦ୍ୟାନ କୃଷି ବିଭାଗର ଦାୟିତ୍ୱହୀନତା ଯୋଗୁଁ କୌଣସି ବୃକ୍ଷ ବଞ୍ଚି ନଥିବାର ଅଭିଯୋଗ ପାଇବା ପରେ ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାୟକ, କେନ୍ଦୁଝର ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, କେନ୍ଦୁଝର ସାଂସଦଙ୍କ ଉଦ୍ୟାନ କୃଷି ବିଭାଗର ପ୍ରତିନିଧି ଶିବାଜୀ ଗୌତମ ମହାନ୍ତ ବର୍ମା ଏବଂ ସାହାରପଡ଼ା ବ୍ଲକ ପ୍ରତିନିଧି ସୁଦର୍ଶନ ମହାନ୍ତ ସାହାରପଡ଼ା ବ୍ଲକର କୁଣ୍ଡଳା ପଞ୍ଚାୟତକୁ ବୁଲିବାକୁ ଯାଇ ଦେଖିବାକୁ ପାଇଥିଲେ ଯେ କୁଣ୍ଡଳାର ଖଡ଼ିବେଡା ଗ୍ରାମରେ ଯେଉଁ ୫ ହେକ୍ଟର ଯାଗାରେ କଲମୀ କାଜୁ ବୃକ୍ଷ ରୋପଣ ହୋଇଥିଲା ସେଠାରେ ଗୋଟିଏ ବି ଗଛ ଆଉ ବଞ୍ଚି ନାହିଁ । ଓଲଟି ସେଠାରେ ବର୍ତମାନ ବର୍ଷା ଜଳ ସଂରକ୍ଷଣ ପାଇଁ ନୂଆ ଯୋଜନାରେ ଗାତ ଖୋଳା ଯାଇଛି । ସେହିପରି କୁଣ୍ଡଳା ଗ୍ରାମର ଝାଟିଆଳି ସାହିରେ ଯେଉଁ ୫.୫୦ ହେକ୍ଟର ଯାଗାରେ ଗଛ ଲାଗିଥିଲା ସେଠାର ବି ଗଛ ଆଉ ନାହିଁ । ସେହିପରି ଖଡ଼ିକାପଦା ଗ୍ରାମର ପୁରୁଣାପାଣି ଗ୍ରାମରେ ଯେଉଁ ୪ ହେକ୍ଟର ଯାଗାରେ ଗଛ ଲାଗିଥିଲା ସେଠାରେ ବି ଗୋଟିଏ ବି ଗଛ ନାହିଁ । ଓଲଟି ଏବେ ସେଠାର ଚିନାବାଦାମ ଚାଷ ପାଇଁ ଚାଷ କରାଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ସାହାରପଡ଼ା ବ୍ଲକରେ ସମୁଦାୟ ୪୨.୫ ହେକ୍ଟର ଜମିରେ କଲମୀ କାଜୁ ବୃକ୍ଷ ଲାଗିଥିବା ବେଳେ ଏବେ ଗୋଟିଏ ବି ଗଛ ନାହିଁ । ଏ ବାବଦରେ ଉପରୋକ୍ତ ଜାଗାର ଉଦ୍ୟାନ ସାଥି ଶତ୍ରୁଘନ ମହାନ୍ତ, ଘନଶ୍ୟାମ ମହାନ୍ତଙ୍କୁ ପଚାରିବାରୁ ଗାତ ଖୋଳିବା ଏବଂ ଗଛ ଲଗାଇବା ପାଇଁ ମଜୁରି ମନରେଗା ଯୋଜନାରେ ଦେବା ପରେ ବାଡ ବୁଜିବା, ପାଣି ଦେବା ଏବଂ ଜଗିବା ପାଇଁ ମନରେଗା ଯୋଜନାରୁ କୌଣସି ଅର୍ଥ ନ ଦେବାରୁ ଏଭଳି ପରିସ୍ଥିତି ହେଲା ବୋଲି ସେମାନେ ପ୍ରକାଶ କରିଥିଲେ । ଉଦ୍ୟାନ କୃଷି ବିଭାଗର ସାହାରପଡ଼ା ସହକାରୀ ଉଦ୍ୟାନ ଅଧିକାରୀ ସସ୍ମିତା ନାୟକ, ଏଚ ଓ ମହେନ୍ଦ୍ର କୁମାର ମହାନ୍ତ ଏବଂ ଏଚ ଇ ଓ ମୋହିତ କୁମାର ମହାନ୍ତଙ୍କୁ ଏ ବାବଦରେ ପଚାରିବାରୁ ସେମାନେ ଡି ଡି ଏଚ ଅଫିସକୁ ବାରମ୍ବାର ଏମ ଆର ମାଗିବା ପରେ ମଧ ନମିଳିବାରୁ ଏଭଳି ପରିସ୍ଥିତି ଉପୁଜିଲା ବୋଲି ପ୍ରକାଶ କରିଥିଲେ । କେନ୍ଦୁଝର ସାଂସଦଙ୍କ ଉଦ୍ୟାନ କୃଷି ବିଭାଗର ପ୍ରତିନିଧି ଶିବାଜୀ ଗୌତମ ମହାନ୍ତ ବର୍ମା ପ୍ରକାଶ କରିଥିଲେ ଯେ ଖାଲି ସାହାରପଡା ବ୍ଲକ ନୁହଁ ପାଟଣା ବ୍ଲକ, ସଦର ବ୍ଲକ, ବାଂଶପାଳ ବ୍ଲକ ,ଘଟଗାଁ ବ୍ଲକ ,ତେଲକୋଇ ବ୍ଲକ, ହରିଚନ୍ଦନପୁର ବ୍ଲକ ସବୁଠାରେ ଏହି ସମାନ ଘଟଣା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲାରେ ୨୦୨୩-୨୪ ରେ ପ୍ରାୟ ୫୦୦ ହେକ୍ଟର ଜମିରେ କଲମୀ କାଜୁ ଗଛ ଲାଗିଥିବା ବେଳେ ଏବେ କେତୋଟି ଯାଗାରେ ଗଛ ଅଛି ତାହାର ତଦନ୍ତ ହେବାର ଆବଶ୍ୟକତା ଅଛି । ପାଟଣା ଏବଂ ସଦର ଏ ଏଚ ଓ ତପନ କୁମାର ସେଠି ଙ୍କୁ ତାଙ୍କ ବ୍ଲକରେ କେତେ ଯାଗାରେ ଗଛ ବଞ୍ଚିଛି ଜଣା ନାହିଁ । ଅଥଚ ପାଟଣା ବ୍ଲକର ରାଜନଗର ପଞ୍ଚାୟତର ନୂଆଗାଁ ଗ୍ରାମ ଏବଂ ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ପଞ୍ଚାୟତର କୁଞ୍ଜରବାହାଳ ଗ୍ରାମ ଏବଂ ରଘୁନାଥପୁର ପଞ୍ଚାୟତର ବଡପଶି ଗ୍ରାମରେ ହୋଇଥିବା ବୃକ୍ଷ ରୋପଣରେ କୌଣସି ଗଛ ବଞ୍ଚି ନଥିବା ଶ୍ରୀ ବର୍ମା ପ୍ରକାଶ କରିଥିଲେ ଏବଂ ଏଥି ନିମନ୍ତେ ଦାୟୀ ଥିବା ଅଧିକାରୀ ମାନଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି ।

## ବାଣୀପଙ୍ଗା ବିଦ୍ୟାଳୟରେ ସରପଞ୍ଚଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ

# ଧାରଣାରେ ଅଭିଭାବକ ଓ ଅଞ୍ଚଳବାସୀ



ଲାଞ୍ଜିଗଡ,୬/୭(ନି.ପ୍ର): ଲାଞ୍ଜିଗଡ଼ ବ୍ଲକ ବାତେରଲିମା ପଞ୍ଚାୟତ ସ୍ଥିତ ବାଣୀପଙ୍ଗା ଏସଏସଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଖେଳ ଶିକ୍ଷକ ସହିତ ଦୁଇ ଜଣ ଶିକ୍ଷୟିତ୍ରୀ ସ୍କୁଲକୁ ନିୟମିତ ଆସୁ ନଥିବା ନେଇ ବାତେରଲିମା ପଞ୍ଚାୟତ ସରପଞ୍ଚ ଦୀର୍ଘ ୩ ମାସ ଧରୀ ଅଭିଯୋଗ କରି ଆସୁଥିଲେ। ଠିକ୍ ଏହି ସମୟରେ ଗତ ଚଳିତ ମାସ ୨୯ତାରିଖ ଗୁରୁବାର ଦିନ ପୂର୍ବାହ୍ନ ୧୦ଘଣ୍ଟା ସମୟରେ ଆସିବା ବଦଳରେ ୧୧ଘଣ୍ଟା ସମୟରେ ଆସୁଥିବା ଜାଣି ପାରି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍କୁଲକୁ ପହଞ୍ଚିବା ପୂର୍ବରୁ ସରପଞ୍ଚ ଶ୍ରୀ ମାଝୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ରହି ଉକ୍ତ ୩ ଶିକ୍ଷକ,ଶିକ୍ଷୟିତ୍ରୀ ସ୍କୁଲକୁ ଆସୁଥିବା ଅପେକ୍ଷା କରି ରହିଥିଲେ। ଠିକ ଏହି ସମୟରେ ଉକ୍ତ ଦିନ ୧୧ଘଣ୍ଟା ସମୟରେ ଶିକ୍ଷକ, ଶିକ୍ଷୟିତ୍ରୀ ଆସୁଥିବା ଦେଖି ପ୍ରମାଣ ସଂଗ୍ରହ ପାଇଁ ଭିଡିଓ ଉତ୍ତଳନ କରିଥିବା ବେଳେ ଖେଳ ଶିକ୍ଷକ ବିଜୟକୁମାର ଭୋଇ ଉତ୍ତପ୍ତ ହୋଇ ସରପଞ୍ଚ ଶ୍ରୀ ମାଝୀଙ୍କୁ ଗାଳିଗୁଲଜ କରିବା ସହିତ ମୋବାଇଲ ଓ ବାଇକ ଛଡାଇ ନେଇ ସ୍କୁଲ ଭିତରେ ଭର୍ତି କରିଦେଇଥିଲେ। ଏହାକୁ ନେଇ ଦୈନିକ ଖବର କାଗଜ ଆଞ୍ଚଳିକ ଖବର କାଗଜରେ ଖବର ପ୍ରସାରଣ ପରେ ଗତ କାଲି ୩୧ତାରିଖ ଶୁକ୍ରବାର ଅପରାହ୍ନ ୩ଘଣ୍ଟା ସମୟରେ ସ୍କୁଲର ଛାତ୍ରୀ ମାନଙ୍କୁ ପ୍ରବର୍ତ୍ତାଇ ସରପଞ୍ଚ କରୁଣା ମାଝୀଙ୍କ ବିରୋଧରେ ବିଭିନ୍ନ ପ୍ରକାର କଟୁ ମନ୍ତବ୍ୟ ସହିତ ସ୍ଲୋଗାନ ଦେଇ ବାଣୀପଙ୍ଗା ଛାତ୍ରୀ ଆବାସିକ ବିଦ୍ୟାଳୟ ଠାରୁ ଦୀର୍ଘ ୧୦ କିଲୋମିଟର ଚଲାଇ ନେଇ ସରପଞ୍ଚଙ୍କ ନାମରେ ଏତେଲା ଦେବା ପାଇଁ ଯାଉଥିଲେ। ଏହି ସମୟରେ ଚାଲିଯାଉଥିବା ଛାତ୍ରୀ ଓ ଶିକ୍ଷକଙ୍କ ଭିଡିଓ ଭାଇରଲ ହେବା ପରେ ଅଭିଭାବକ ତଥା ବୁଦ୍ଧିଯିବି ମହଲରେ ଚର୍ଚ୍ଚାର ବିଷୟରେ ପାଲଟିଥିଲା। ଭିଡିଓ ଭାଇରଲ ହେବା ଖବର ପାଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂ ବାଣୀପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏହା ଉପରେ ଅବଗତ କରାଇଥିଲେ। ପରେ ପ୍ରଧାନ ଶିକ୍ଷକ ଖେଳ ଶିକ୍ଷକଙ୍କୁ ଖବର ଦେଇ ସମସ୍ତ ଛାତ୍ରୀ ମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ସୂଚନା ଦେବା ପରେ ଖେଳ ଶିକ୍ଷକ ଭୟଭୀତ ହୋଇ ସମସ୍ତ ଛାତ୍ରୀ ମାନଙ୍କ ସହ ସ୍କୁଲକୁ ପ୍ରତ୍ୟାବର୍ତନ କରିଥିଲେ। ଦୀର୍ଘ ୧୦କିଲୋମିଟର ଚାଲିଥିବା ଛାତ୍ରୀ ମାନଙ୍କ ଅଭିଭାବକ ମାନେ ଏହାକୁ ଦୃଢ଼ ନିନ୍ଦା କରି ଆଜି ବିଦ୍ୟାଳୟର ମୁଖ୍ୟ ଫାଟକରେ ଧାରଣାରେ ବସିଥିଲେ। ଏହାର ସୂଚନା ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯାମୀ କହଁର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ଲାଞ୍ଜିଗଡ ଗୋଷ୍ଠି ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର, ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂ କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ବାତେରଲିମା ସରପଞ୍ଚ କରୁଣା ମାଝୀଙ୍କ ସହିତ ଏହା ଉପରେ ଆଲୋଚନା କରିଥିଲେ। ଆଲୋଚନା ପରେ ମଧ୍ୟ କୌଣସି ସମାଧାନର ପନ୍ଥା ଅବଲମ୍ବନ ହୋଇ ନଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ପ୍ରତିକ୍ରିୟା ଦେଇଥିବା ବେଳେ ତାଙ୍କ ପ୍ରତିକ୍ରିୟାରେ ଅସନ୍ତୋଷ ହୋଇ ଖେଳ ଶିକ୍ଷକ ହାଏ ହାଏ ଖେଳ ଶିକ୍ଷକଙ୍କ ବଦଳି ଆମର ଦାବି ନାରା ଦେଇ ଅସନ୍ତୋଷ ପ୍ରଦର୍ଶନ କରିଥିଲେ। ଏହି ଧାରଣାରେ ଛତ୍ରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଷମା ମାଝୀ, କରୁଣା ମାଝୀ ସମେତ ସମସ୍ତ ଗ୍ରାମ ପଞ୍ଚାୟତର ଅଭିଭାବକ ଏବଂ ଗ୍ରାମ ପଞ୍ଚାୟତର ଜନସାଧାଣ ଓ ପୋଲିସ ଉପସ୍ଥିତଥିରେ ସର୍ବସମ୍ମୁଖରେ କ୍ଷମା ମାଗିଲେ ଶିକ୍ଷକ ।

## ବର୍ଷିୟାନ ଗାନ୍ଧିବାଦୀଙ୍କୁ ସମ୍ବର୍ଦ୍ଧିତ କଲେ ବ୍ରାହ୍ମଣବାଟି ସରପଞ୍ଚ



ନିଆଳୀ,୬/୭(ନି.ପ୍ର):ବର୍ଷିଆନ ଗାନ୍ଧିବାଦୀ, ଦିଗଜ ସ୍ୱାଧୀନତା ସଂଗ୍ରାମୀ, ଉତ୍କଳ ସମ୍ମିଳନୀ ର ଉପଦେଷ୍ଟା ପୂର୍ବତନ ବିଧାୟକ ତଥା ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ଆବାହକ ପଦ୍ମ ଚରଣ ନାୟକ ୧୦୦ ତମ ଜନ୍ମଦିନ ରମାଦେବୀ ବିଶ୍ୱବିଦ୍ୟାଳୟ ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣବାଟି ସରପଞ୍ଚ, କଣ୍ଟାପଡା ବ୍ଲକ ସରପଞ୍ଚ ସଂଘର ସଭାପତି ତଥା ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ର ସଦସ୍ୟ ସଞ୍ଜୟ କୁମାର ରାଉତରାୟ ଶ୍ରୀଯୁକ୍ତ ନାୟକ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନର କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରିୟନାଥ ଆଚାର୍ଯ୍ୟ, ରବୀନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି ଦିଲ୍ଲୀପ ଦାଶଶର୍ମା ଙ୍କ ଆବାହକତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବାଜି ରାଉତ ଛାତ୍ରବାସ ର ମୁଖ୍ୟ ଉପଦେଷ୍ଟା ଶ୍ରୀମତୀ କୃଷ୍ଣା ମହାନ୍ତି ଉଦଘାଟନ କରିଥିବା ବେଳେ ରେ ସଭାପତିତ୍ୱ କରିଥିଲେ ଆମ ଓଡିଶା ର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ମାଗାସେସ ପୁରସ୍କାର ବିଜେତା ବିଶିଷ୍ଟ ଲେଖକ ପି.ସାଇନାଥ ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ସର୍ବସେବା ସଂଘ ସଭାପତି ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ଣ୍ଣ ସାରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ




ନିଆଳୀ,୬/୭(ନି.ପ୍ର):କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାନପାଟସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ପୂର୍ଣ୍ଣାନନ୍ଦ ବେହେରାଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ସୁବଳ ରାଉତରାୟ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ସରୋଜିନୀ ସେନାପତି,ସମ୍ମାନୀତ ଅତିଥିଭାବେ ବନମାଳୀ ସେଠୀ,ନିରଞ୍ଜନ ଭୋଇ,ପ୍ରଫୁଲ୍ଲ କୁମାର ବାରିକ,ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଶୀନାଥ ଭୋଇ,ଓପିଟିଏ ସଂଘର ସଂପାଦକ ପ୍ରମୋଦ କୁମାର ଭୋଇ, ପ୍ରାଚୀ ଏକାଡେମୀ ର ପ୍ରଧାନ ଶିକ୍ଷକ ତଥା କଣ୍ଟାପଡା ବ୍ଲକ ନୋଡାଲ ଅଫିସର ଅଜୟ କୁମାର ପାତ୍ରଙ୍କ ବିଭିନ୍ନ କ୍ଲଷ୍ଟରରୁ ଆସିଥିବା ଶିକ୍ଷକ ପ୍ରତାପ ଚନ୍ଦ୍ରମଲ୍ଲିକ,ପ୍ରଶାନ୍ତ କୁମାର ବେହେରା ,ଦିଲ୍ଲିପ କୁମାର ଦାସ,ରତିକାନ୍ତ ରାଉତ, ଅରବିନ୍ଦ ପଟ୍ଟନାୟକ, ମନୋରଂଜନ ମହାରଣା, ବେଣୁଧର ଲେଙ୍କା,ବିପିନ ବିହାରି ରାଉତ, ବିଦ୍ୟାଳୟର ଶିକ୍ଷୟତ୍ରି ପ୍ରଭାତି ମହାନ୍ତି, ସୌଦାମିନି ବେହେରା,ରାଜଲକ୍ଷ୍ମୀ ଭୋଇ,ସସ୍ମିତା ବେହେରା,ଶାସ୍ୱତି ନାୟକ,ରଂଜିତ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀ ବେହେରାଙ୍କ ନିରୋଗ ଜୀବନ କାମନା କରିଥିଲେ ଛାତ୍ର ଛାତ୍ରୀ ଏବଂ ଅବିଭାବକ ।

## କଳାହାଣ୍ଡି ଜିଲ୍ଲା ଧର୍ମଗଡରେ ବଡ଼ଧରଣର ଡକାୟତି

# ସାଢ଼େ ୩ କୋଟି ଟଙ୍କା ଜବତ, ୮ ଜଣଙ୍କୁ ବାନ୍ଧିଲା ପୋଲିସ



ଧର୍ମଗଡ,୬/୭(ନି.ପ୍ର): କଳାହାଣ୍ଡି ଜିଲ୍ଲା ପୋଲିସ ଏକ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି।ଧର୍ମଗଡ଼ ଥାନା ପୋଲିସ ଏକ ବଡ ଧରଣର ଡକାୟତି ଘଟଣାରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ନଗଦ ୩ କୋଟି ୫୧ ଲକ୍ଷ ଟଙ୍କା, ବନ୍ଧୁକ, ଗୁଳି, ଅପରାଧରେ ବ୍ୟବହୃତ ଗାଡି ଏବଂ ମରଣାସ୍ତ୍ର ଆଦି ଜବତ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ବୋଲି ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ମାନେ ହେଲେ, ଝାଡଖଣ୍ଡ ରାଜ୍ୟ ରାଞ୍ଚି ଜିଲ୍ଲାର ତାହିର ଅନସାରୀ,ହୁସେନ୍ ଖାନ୍, ଜୈସମ ଖାନ୍, ସାମିମ୍ ଅନସାରୀ,ବାସୁଦେବ ଗୋପେ, ପିଣ୍ଟୁଅ ଆଲିମ୍,ଅନୁଜ କୁମାର।ଗତ ୩୦ ତାରିଖରେ ଧର୍ମଗଡ଼ ଠାରେ ଥିବା ଏକ ଦେଶୀ ମଦ ଭାଟିରେ ଏହି ଡକାୟତ ସଂଘଟିତ ହୋଇଥିଲା। ବିଳମ୍ବିତ ରାତିରେ ପ୍ରାୟ ୮ ଜଣ ଡକାୟତ ମାରଣାସ୍ତ୍ର ଧରି ଡକାୟତି କରିବା ଉଦ୍ଦେଶ୍ୟରେ ଏହି ଭାଟିରେ ପଶିଥିଲେ। ସେଠାରେ ବନ୍ଧୁକ ଏବଂ ମରଣାସ୍ତ୍ର ଦେଖାଇ ଧମକ ଦେଇ ଟଙ୍କା ଲୁଟି ନେଇଥିଲେ। ଏନେଇ ଧର୍ମଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଡକାୟତଙ୍କୁ ଧରିବାକୁ କଳାହାଣ୍ଡି ଏସପି ଅଭିଲାଷ ଜି ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରାଯାଇଥିଲା। ଡକାୟତି କରିବା ପରେ ଅଭିଯୁକ୍ତମାନେ ଔଐ୧୦ଇଚ୪୮୧୭ ନମ୍ବର ବିଶିଷ୍ଟ ବୋଲେରୋ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନୁସନ୍ଧାନ ସମୟରେ ଅପରାଧରେ ବ୍ୟବହୃତ ଗାଡିକୁ ଝାଡ଼ଖଣ୍ଡରେ ଚିହ୍ନଟ କରାଯାଇ ଠାବ କରାଯାଇଥିଲା। ପୋଲିସ ତଦନ୍ତ ବେଳେ ସ୍ଥାନୀୟ ପୁଲିସ ଦୁଇ ଅଭିଯୁକ୍ତ ସିରାଜ ଆନସାରୀ ଏବଂ କାମେଶ୍ୱର ଯାଦବକୁ ସଂଗେ ସଙ୍ଗେ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ମାନେ ଝାଡ଼ଖଣ୍ଡ ଅଭିମୁଖେ ଫେରାର ହୋଇଥିବା ସମ୍ପର୍କରେ ପୋଲିସ ସୂଚନା ପାଇଥିଲା। ବର୍ତ୍ତମାନ ସୁଦ୍ଧା ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ପୋଲିସର ତ୍ୱରିତ୍ୱ କାର୍ଯ୍ୟାନୁଷ୍ଠାନ ଏବଂ ସଫଳତା ନିମନ୍ତେ କଳାହାଣ୍ଡି ଏସପି ଏବଂ ତାଙ୍କ ଟିମକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ରାଉରକେଲା ବିମାନବନ୍ଦର ର ଭବିଷ୍ୟତ କଣ ?

# ଗଣଧାରଣାରୁ ଆମରଣ ଅନଶନ କିନ୍ତୁ ଦାବି ପୂରଣ ଶୂନ




ବଣାଇ,୬/୭(ନି.ପ୍ର): ଗତ ଜାନୁଆରୀ ଏକ ତାରିଖ ରୁ ରାଉରକେଲା ଏୟାରପୋର୍ଟ ଆକ୍ସନ କମିଟି ତରଫରୁ ଗଣ ଧାରଣା ରେ ଥିଲେ ମୁକ୍ତିକାନ୍ତ ବିଶ୍ୱାଳ, କମିଟି ମେମ୍ବର ଓ ରାଉରକେଲା ଜନସାଧାରଣ। ଚାରି ଦଫା ଦାବି ନେଇ ବସିଥିଲେ ରାଉରକେଲା ଆକ୍ସନ କମିଟି ଓ ମୁକ୍ତିକାନ୍ତ ବିଶ୍ୱାଳ ଓ ସହକର୍ମୀ। ୪ଓ ଲାଇସେନ୍ସ ,ନାଇଟ ଲେଣ୍ଡିଙ୍ଗ ସିଷ୍ଟମ୍, ସେଲ୍ ଜମି ହସ୍ତାନ୍ତର, ଅତ୍ୟାଧୁନିକ ଜନ୍ତ୍ରପାତି କୁ ନେଇ ବସିଥିଲେ ଧାରଣାରେ। ରାଉରକେଲା ବିମାନ ବନ୍ଦର ପୂର୍ଣ୍ଣାଙ୍ଗିକରଣ ଦାବି ନେଇ ଜାନୁଆରୀ ୨୬ ତାରିଖରୁ ମୁକ୍ତିକାନ୍ତ ଆମରଣ ଅନଶନ ରେ ବସିଥିଲେ। କିନ୍ତୁ ହକି ୱାର୍ଲଡ କପ୍ ଫାଇନାଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ଆଗମନ ହେତୁ ତାଙ୍କ ସୁରକ୍ଷା କୁ ଆଖି ଆଗରେ ରଖି ଏ ଅନଶନ କୁ ରାଉରକେଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇ ଅଛି। ଆମରଣ ଅନଶନ ରେ ବସିଥିବା ମୁକ୍ତି କାନ୍ତ ବିଶ୍ୱାଳ, ଚକ୍ରଧର ଜେନା, ରଞ୍ଜନ ମହାନ୍ତି ଓ ଅନ୍ୟମାନଙ୍କୁ ସରକାରୀ ଡାକ୍ତରଖାନା ରେ ଭର୍ତ୍ତି କରାଯାଇ ଅଛି।

## ଭିଜିଲାନ୍ସ ହାତରେ ଧରା ପଡି ବନ୍ଧା ହେଲେ ସୁକିନ୍ଦା ଥାନା ଏସଆଇ



ସୁକିନ୍ଦା ୬/୭(ନି.ପ୍ର):- କଥା ରେ ଅଛି ଚାକିରୀ କରିବ ପୋଲିସ ମାଛ ଖାଇବ ଇଲିସି ଯାହା କି ସୁକିନ୍ଦା ଏସ.ଆଇ ଅଭୟ କୁମାର ନାଏକଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ରେ ଥିବା ଏସ.ଆଇ ଅଭୟ କୁମାର ନାଏକ ଚାରି ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିବା ପରେ ଗିରଫ ହେଇଥିବା ଦେଖିବାକୁ ମିଳିଛି।ଏ.ଏସ.ଆଇ ଅଭୟ କୁମାର ନାଏକ ଆଜି ଚାରି ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଝାମ୍ପି ବସିଥିଲା କଟକ ଭିଜିଲାନ୍ସ ଟିମ । ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ଝଗଡା କେଶର ରଫାଦଫା କରିବା ପାଇଁ କଳିଙ୍ଗନଗର ନୀଳାଞ୍ଚଳ ପ୍ଲାଣ୍ଟ ସମ୍ମୁଖରେ ଚାରି ହଜାର ଟଙ୍କା ଲାଞ୍ଚ ନେଉଥିବା ଅବସ୍ଥାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ବିଭାଗ ଦ୍ୱାରା ଧରା ପଡ଼ିଥିଲେ ଏସ.ଆଇ ଅଭୟ କୁମାର ନାଏକ । ଏସ.ଆଇ ଅଭୟ କୁମାର ନାଏକ ଙ୍କୁ ଗିରଫ ଗୋଟିଏ କଟକ ଭିଜିଲାନ୍ସ କେସ୍ ନମ୍ବର ୨/ ୨୦୨୫ ଟ/ଶ୍ସ-୭ଚଉ ଇଙ୍କରଭୟଙ୍କରଭଶ୍ସ) ଇମଶ୍ସ,୨୦୧୮ ଗିରଫ କରିବା ପରେ କଟକ ଭିଜିଲାନ୍ସ ଅଫିସକୁ ନିଆ ଯାଇଥିବା ବେଳେ ଏକା ସମୟରେ ସୁକିନ୍ଦା ଥାନାରେ ଥିବା ସରକାରୀ କ୍ୱାଟର ସମେତ ଯାଜପୁର ଜିଲ୍ଲାର ବିଂଝାରପୁର, କେନ୍ଦ୍ରାପଡା ଜିଲ୍ଲାର ହାଟପଡା କରିଲୋ ପାଟଣା ଗାଁରେ ଥିବା ନିଜ ଘରେ ମଧ ଚଢ଼ାଉ କରାଯାଇଥିବା ସୂଚନା ମିଳୁଛି।

## କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା



ଭୁବନେଶ୍ୱର,୬/୭(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଗାଡକଣ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଡକଣ କ୍ଲଷ୍ଟର ବାପୁଜୀ ସରକାରୀ ଉଚ୍ଚ ପ୍ରଥମିକ ବିଦ୍ୟାଳୟ ଅ'ର୍ଗତ ୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷିକାମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୧୨ ନମ୍ବର ୱାର୍ଡର କର୍ପୋରେଟର ଜୟନ୍ତୀ ସାହୁ, ୯ ନମ୍ବର ୱାର୍ଡର କର୍ପୋରେଟର ସୁଷମା ସାହୁ, ସଭାପତି ରବିନାରାୟଣ ଦାସ ପ୍ରମୁଖ ଯୋଗଦେଇ ନିପୁଣ ଓଡିଶାର ଲକ୍ଷ ଓ ଉଦ୍ଦେଶ୍ୟ, ମୂଲ୍ୟ ବୋଧ ଶିକ୍ଷା, ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିପୁଣ ଓଡିଶାର ଟିଏଲଏମ, ଏଫଏଲଏନ ପ୍ରଦର୍ଶନୀ କରାଯିବା ସହିତ ଶପଥ ପାଠ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ



ମାଲକାନଗିରି ୬/୭(ନି.ପ୍ର): ଉତ୍କଳ ସାମ୍ବାଦିକ ସଂଘର ମାଲାକାନଗିରି ଜିଲ୍ଲା ଶାଖା ପକ୍ଷରୁ କର୍ମକର୍ତ୍ତା ପ୍ରକ୍ରିୟା ଶେଷ ହୋଇଛି। ଏଥିପାଇଁ ଆଜି ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇ ବିଭିନ୍ନ ପଦପଦବୀ ପାଇଁ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ସର୍ବସମ୍ମତି କ୍ରମେ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଭାବେ ଅଶୋକ କୁମାର ମିଶ୍ର, ଜିଲ୍ଲା ସମ୍ପାଦକ ଭାବେ ବି ଶ୍ରୀନିବାସ ପାତ୍ର, ଜିଲ୍ଲା କର୍ଯ୍ୟକାରୀ ସଭାପତି ଭାବେ ନିରଞ୍ଜନ ମଲ୍ଲ, ଜିଲ୍ଲା ଉପସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ, କୋଷାଧକ୍ଷ ଭାବେ ହୃଷୀକେଶ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶିବଦତ୍ତ ସାହୁ ଓ ନୃଷିଂହ ଚରଣ ମହାନ୍ତିଙ୍କୁ କ୍ରମେ ଚୟନ କରାଯାଇଛି । ଏହି ଅବସରରେ ଜିଲ୍ଲାର ପ୍ରତ୍ୟକ ବ୍ଲକ ଓ ଏନଏସି ରେ ସଂଘକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ପ୍ରତ୍ୟକ ବ୍ଲକରେ ବରିଷ୍ଠ କର୍ମକର୍ତ୍ତାଙ୍କୁ ଜଣେ ଜଣେ ଚୟନ କରାଯାଇଛି। ଆଗାମୀ ଦିନରେ ଜିଲ୍ଲାର ସାମ୍ବାଦିକଙ୍କ ସୁରକ୍ଷା, ସଂଘର ବିକାଶ ଓ ସହଯୋଗୀ ମନଭାବ ରଖି କାର୍ଯ୍ୟ କରିବାକୁ ନୂତନ ଭାବେ ଚୟନ ହୋଇଥିବା କର୍ମକର୍ତ୍ତା ମାନେ ମତ ପ୍ରକାଶ କରିଛନ୍ତି। ଚୟନ ପ୍ରକ୍ରିୟା ପରେ ମାଲାକାନଗିରି ମୁଖ୍ୟ ବଜାରରେ ଚୟନ ହୋଇଥିବା ନୂତନ କର୍ମକର୍ତ୍ତା ମାନେ ବାଣ, ବାଜା ଯୋଗେ ଏକ ରାଲି କରିଥିଲେ। ଅନ୍ୟପଟେ ଉତ୍କଳ ସାମ୍ବାଦିକ ସଂଘର ନୂତନ ଭାବେ ଚୟନ ହୋଇଥିବା କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ